## ସଂକ୍ଷେପରେ

### ପର୍ଯ୍ୟଟକଙ୍କ ଗାଡ଼ିରୁ ଲୁଟ୍ ଉଦ୍ୟମ

ରାଇକିଆ,୨୨।୨(ଡ଼ି.ଏନ.ଏ): ରାଇକିଆ ବ୍ଲକ ମଣ୍ଡାସୁର ଇକୋଟୁରିଜିମ ନିକଟରେ ଗୁରବାର ରାତିରେ ଜଣେ ପର୍ଯ୍ୟଟକଙ୍କ ଗାଡ଼ିରୁ ଲୁଟ୍ ଉଦ୍ୟମ ହୋଇଛି। ରାତିରେ ଗାଡ଼ିଟି ଇକୋଟୁରିଜିମ ଗେଟ୍ ନିକଟରେ ଥିବାବେଳେ ଡ୍ରାଇଭର ଅନ୍ୟ ଏକ ସ୍ଥାନରେ ଶୋଇଥିଲେ। କେହି ଦୁର୍ବୃତ୍ତ ଗାଡି କାଚ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିଲେ। ବନ ବିଭାଗ ତରଫରୁ ଶୁକ୍ରବାର ସୂଚନା ପାଇ ରାଇକିଆ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ନେଇ ରାଇକିଆ ଥାନା ଅଧିକାରୀ ସମୀର ରାଉତ କହିଛନ୍ତି, ଉକ୍ତ ଘଟଣାରେ ଥାନାରେ ଲିଖିତ ଅଭିଯୋଗ ହୋଇନାହିଁ। କିଛି ଦୁର୍ବୃତ୍ତ ଗାଡ଼ି କାଚ ଭାଙ୍ଗି ଲୁଟ ଉଦ୍ୟମ କରିଥିଲେ ମଧ ସଫଳ ହୋଇ ନାହାନ୍ତି।

### ପୋଡିହୋଇ ଶିଶୁ ସମେତ ୩ ଗୁରୁତର

ଭଞ୍ଜନଗର,୨୨।୨(ଡି.ଏନ.ଏ.)- ଶିବରାତ୍ରିରେ ଭଞ୍ଜନଗରରେ ଏକ ଅଘଟଣ ଘଟିଛି। ଦୀପ ଲଗାଇବାବେଳେ ବିଭିନ୍ନ ସ୍ଥାନରେ ନିଆଁଲାଗି ଶୁକ୍ରବାର ରାତିରେ ୨ଜଣ ମହିଳା ଆହତ ହୋଇଛନ୍ତି। ସେମାନେ ହେଲେ ବଡ଼ପଥରାର ସଞ୍ଜୁ ନାୟକ ଓ ତନରଡ଼ାର ଝୁନୁ ପାଳ। ଉଭୟ ନିଜ ନିଜ ଗ୍ରାମ ମନ୍ଦିରରେ ଦୀପ ଲଗାଇବା ସମୟରେ ଏହି ଅଘଟଣ ଘଟିଛି। ସେହିଭଳି ଚୁଲି ନିଆଁରେ ପୋଡିହୋଇ ସୁରମଣିର ଜଣେ ଶିଶୁ ଶନିବାର ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ ଭଞ୍ଜନଗର ମେଡ଼ିକାଲକୁ ଅଣାଯାଇଥିଲା। ଏଠାରେ ଆବଶ୍ୟକ ଚିକିତ୍ସା ସୁବିଧା ନଥିବାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଛି। ଶିଶୁଙ୍କ ଅବସ୍ଥା ଗୁରୁତର ରହିଛି।

### ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

କବିସୂର୍ଯ୍ୟନଗର,୨୨।୨-ଗଞ୍ଜାମ ଜିଲାର ବହୁ ପୁରାତନ ସହର (ଏନଏସି) କବିସୂର୍ଯ୍ୟନଗର। ଏହାକୁ ଲାଗି ପଥରା, ବଡ଼ଆଗୁଲ, ସଦାବର୍ତ୍ତନ ନୂଆଗାଁ ରହିଛି। ହେଲେ ଏବେ ବି ବିଭିନ୍ନ ସମସ୍ୟା ଘରରେ ରହିଛି ସହର। ଏଥିପ୍ରତି କାହାର ନଜର ନାହିଁ। ୧୨ ବର୍ଷରେ ଥରେ ଅନୁଷ୍ଠିତ ହେଉଥିବା କବିସୂର୍ଯ୍ୟନଗର ଯାତ୍ରାକୁ ୧୦ ବର୍ଷରେ କରିବାକୁ ଅଣ୍ଟା ଭିଡ଼ିଛି ଯାତ୍ରା କମିଟି। ହେଲେ ସହରବାସୀ ଅଧିକାଂଶ ସ୍ୱଳ୍ପ ଆୟକାରୀ ହେତୁ ଯାତ୍ରା ଖର୍ଚ୍ଚ ଦୁର୍ବିସହ ପରିସ୍ଥିତି ସୃଷ୍ଟି କରିବ। ତେଣୁ ଦୈନିକ ୫ ଲକ୍ଷ ଜନସମାଗମକୁ ଦୃଷ୍ଟିରେ ରଖି ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଓ ସଂକ୍ରମଣ ରୋଗର ପ୍ରତିକାର, ସ୍ୱଚ୍ଛ ପାନୀୟ ଜଳ, ସହରରେ ପୋଲିସ ଆଉଟପୋଷ୍ଟ, ସମସ୍ତ ମଦ ଦୋକାନକୁ ସହରଠାରୁ ୧ କିମି ଦୂର ସ୍ଥାନାନ୍ତର, ନଳକୂପର ପୁନରୁଦ୍ଧାର, ବିଶ୍ରାମ ଗୃହ, ଶୌଚାଳୟ ନିର୍ମାଣ,୧୧ କେଭି ତାରର ଉଚ୍ଚତା ବୃଦ୍ଧ ଆଦି ୨୫ ଦଫା ଦାବି ନେଇ ମଞ୍ଚର ସଭାପତି ତଥା ପରିଚାଳନା କମିଟି ସଭ୍ୟ ପଦରୁ ଇସ୍ତଫା ଦେଇଥିବା ଆଇନଜୀବୀ ପ୍ରଭାତ କୁମାର ସାମଲ ଜିଲାପାଳ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ଜନପ୍ରତିନିଧିଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ଉପଯୁକ୍ତ ପଦକ୍ଷେପ ପୂର୍ବକ ଯାତ୍ରାକୁ ସୁପରିଚାଳନା କରିବାକୁ ଭ୍ରଷ୍ଟାଚାର ବିରୋଧି ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି। ପ୍ରକାଶଥାଉକି, ବିଭିନ୍ନ ୱାର୍ଡରେ ପାଇପ୍ ଲାଇନ ଖୋଲି ରାସ୍ତାଗୁଡ଼ିକ ମରଣଯନ୍ତା ପାଲଟିଛି।

### କାହାଣୀ ଶୁଣିଲେ ଡର ଲାଗୁଛି ମଞ୍ଚସ୍ଥ

ଦିଗପହଣ୍ଡି,୨୨।୨(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ କୁଶପଡା ପଞ୍ଚାୟତ କେଦାରପୁର ଗ୍ରାମ ଶ୍ରୀ ନୀଳକଣ୍ଠେଶ୍ୱର ଶିବ ମନ୍ଦିରରେ ମହା ଶିବରାତ୍ରି ଜାଗର ଯାତ୍ରା ପାଳିତ ହୋଇଯାଇଛି। ଯାତ୍ରା ଉପଲକ୍ଷେ ଜି.କ୍ରିଷ୍ଣା ରେଡ୍ଡୀଙ୍କ ନିର୍ଦ୍ଦେଶନାରେ 'କାହାଣୀ ଶୁଣିଲେ ଡର ଲାଗୁଛି' ନାଟକ ମଞ୍ଚସ୍ଥ ହୋଇଛି। ତିତିଖଣ୍ଡି ଦଣ୍ଡନାଟ୍ୟ ସଂଘ ପ୍ରଯୋଜନାରେ ସାମାଜିକ ନାଟକକୁ ଦିଗପହଣ୍ଡି ବ୍ଲକ ଉପାଧକ୍ଷା ପ୍ରତିନିଧି ଏମ.ନିରଞ୍ଜନ ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କେଦାରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ଗୋପୀନାଥ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଏସ.ଗାନ୍ଧୀ ଦୋରା, ଭଜରାମ ରଣା, ଦେବହରି ରଣା ପ୍ରମୁଖ ସମ୍ମାନିତ ଅତିଥି ରୂପେ ମଞ୍ଚାସୀନ ଥିଲେ। ମନ୍ଦିରରେ ମହାଦୀପ ଉଠିବା ପରେ ନାଟକକୁ ଦେଖିବା ପାଇଁ ଆଖପାଖ ଗ୍ରାମାଞ୍ଚଳରୁ ଲୋକମାନଙ୍କ ଭିଡ ଜମିଥିଲା।

# ଅବ୍ୟବସ୍ଥାରେ ବ୍ରାହ୍ମଣୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୨।୨(ଡି.ଏନ୍.ଏ.)



- ପରୀକ୍ଷା ନ ସରୁଣୁ ଶିକ୍ଷକ ବଦଳି ନେଇ ଅସନ୍ତୋଷ
- ଭାଙ୍ଗିରୁଜି ଗଲାଣି ୧୦୨ ବର୍ଷ ପୁରୁଣା ବିଦ୍ୟାଳୟ
- ୭ ମାସ ହେଲା ଜଣେ ଶିକ୍ଷକ ଅନୁପସ୍ଥିତ

କନ୍ଧମାଳ ଜିଲା ଉପାନ୍ତ ଅଞ୍ଚଳଭାବେ ଜଣାଶୁଣା ବ୍ରାହ୍ମଣୀଗାଁ ଅଞ୍ଚଳ। ଉକ୍ତ ଅଞ୍ଚଳରେ ଶିକ୍ଷାଠାରୁ ଆରମ୍ଭ କରି ପିଇବା ପାଣି, ରାସ୍ତାଘାଟ, ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିଛି। ବିକାଶ ଠାରୁ ବହୁଦୂରରେ ଉକ୍ତ ଥାନା ଅଞ୍ଚଳର ୮ ପଞ୍ଚାୟତ। ବିଶେଷ କରି ଶିକ୍ଷା ବ୍ୟବସ୍ଥା ଉକ୍ତ ଅଞ୍ଚଳରେ ଭୁଶୁଡି ପଡିଛି। ବ୍ରାହ୍ମଣୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ସହ ବିଭିନ୍ନ ସମସ୍ୟାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

ପ୍ରକାଶ ଯେ, ୧୯୧୮ ମସିହାରେ ବ୍ରାହ୍ମଣୀଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରାଯାଇଥିଲା। ଏବେ ସେଠାରେ ପ୍ରଥମରୁ ସପ୍ତମ ପର୍ଯ୍ୟନ୍ତ ମୋଟ ୧୭୭ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶିକ୍ଷାଦାନ ପାଇଁ ୧୧ ଜଣ ଶିକ୍ଷକ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଆଉଜଣେ ଶିକ୍ଷକ ୨୦୧୯ ଜୁଲାଇ ୧୭ରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ କିମ୍ବା ଜିଲା ଶିକ୍ଷା ଅଧିକାରୀ, ଡିପିସିଙ୍କୁ ନଜଣାଇ ଛୁଟିରେ ରହିଛନ୍ତି। ସେହି ମାସର ୧୯ରେ ବିଇଓ ବ୍ରହ୍ମାନନ୍ଦ ରାଉତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିବାବେଳେ ଜାଣିଥିଲେ। ମାତ୍ର କୌଣସି ପଦକ୍ଷେପ ନେଇ ନ ଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁମୁଦ ଚନ୍ଦ୍ର ବିଶୋୟୀ କହିଛନ୍ତି। ପ୍ରଧାନ ଶିକ୍ଷକ କହିଛନ୍ତି ଯେ, ସେ ମାର୍ଚ୍ଚରେ ଅବସର ନେବେ ତେଣୁ ଶିକ୍ଷକ ପଦବୀ ପୂରଣ କରାଗଲେ ବିଦ୍ୟାଳୟଟି ସୁଚାରୁରୂପେ ଚାଲନ୍ତା। ସେହିପରି ଅତି ପୁରାତନ ଶ୍ରେଣୀ କୋଠା ଗୁଡ଼ିକ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏକାଧିକ କ୍ଲାସ୍ ରୁମ୍‌ରେ କାନ୍ଥ ଫାଟି ପଲସ୍ତରା ଖସିଲାଣି। ଆଜବେଷ୍ଟସ୍ ପଡିଥିବା କାଠ ଗୁଡ଼ିକ ପୋକ ଲାଗି ନଷ୍ଟ ହୋଇଯାଇଥିବା ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିକ୍ରମ ବସ୍ତରାୟ, ସଦସ୍ୟ ବିଘ୍ନେଶ୍ୱର ବେହେରଦଳାଇ ପ୍ରମୁଖ ଅଭିଯୋଗ କରିଛନ୍ତି। ସେହିପରି ପାଚେରି ନଷ୍ଟ ଯୋଗୁ ଅସାମାଜିକ ଲୋକେ ବିଦ୍ୟାଳୟରେ ପଶି ଜୁଆ ଖେଳୁଥିବା ମଧ ଅଭିଯୋଗ ହେଉଛି। ସର୍ବଶିକ୍ଷା ଅଭିଯାନ ପକ୍ଷରୁ ନିର୍ମାଣ କରାଯାଇଥିବା ବିଦ୍ୟାଳୟ ପାଇଖାନା କାମ ଅଧା କରି ଅର୍ଥ ହଡ଼ପ କରାଯାଇଥିବା ପ୍ରଧାନ ଶିକ୍ଷକ କୁମୁଦ ବିଶୋୟୀ ଅଭିଯୋଗ କରିଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ବିଶ୍ୱରଞ୍ଜନ ହାତୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ, ଉକ୍ତ ପାଇଖାନା ପାଇଁ ମୋଟ ୧ଲକ୍ଷ ୩୦ ହଜାର ଖର୍ଚ୍ଚ ପାଇଁ ଅଟକଳ କରାଯାଇଛି। ତେବେ ମାତ୍ର ୫୦ ହଜାର ଟଙ୍କା ଆସିଥିବାରୁ କାମ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏନେଇ ବିଇଓ ବ୍ରାହ୍ମାନନ୍ଦ ରାଉତଙ୍କ ସହ ଯୋଗାଯୋଗ କରିବାରୁ ଶିକ୍ଷକ ଦୀର୍ଘ ମାସ ହେଲା ଅନୁପସ୍ଥିତି ସମ୍ପର୍କରେ ଡିପିସିଙ୍କୁ ଅବଗତ କରାଯାଇଛି। ସେ ଠିକା ଶିକ୍ଷକ ହୋଇଥିବାରୁ ଡିପିସି (ଜିଲା ପ୍ରକଳ୍ପ ସଂଯୋଜକ) ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି। ସେହିପରି ସେଠାକାର ଶିକ୍ଷକମାନେ ଅନ୍‌ଲାଇନରେ ଆବେଦନ କରି ବଦଳି ହୋଇଥିବା ବିଇଓ ରାଉତ କହିଛନ୍ତି।

## ବନ୍ୟଜନ୍ତୁ ଶିକାର ରୋକିବା ନେଇ ପାଟ୍ରୋଲିଂ



ଜଙ୍ଗଲ ଓ ବିଦ୍ୟୁତ୍ ବିଭାଗର ମିଳିତ ପାଟ୍ରୋଲିଂ।

ଧରାକୋଟ,୨୨।୨(ଡି.ଏନ.ଏ.)

ବନ୍ୟଜନ୍ତୁ ଶିକାର ରୋକିବା ପାଇଁ ଧରାକୋଟ ବିଦ୍ୟୁତ୍ ବିଭାଗ ଓ ଜଙ୍ଗଲ ବିଭାଗର ମିଳିତ ପାଟ୍ରୋଲିଂ କରାଯାଇଛି। ଜଙ୍ଗଲରେ ବିଦ୍ୟୁତ୍ ତାର ବିଛାଇ ଅଞ୍ଚଳରେ ବନ୍ୟଜନ୍ତୁଙ୍କୁ ଶିକାର କରାଯାଉଥିବା ଗ୍ରାମବାସୀଙ୍କ ଦ୍ୱାରା ଅଭିଯୋଗ ହୋଇଥିଲା। ତେଣୁ ଆସିକା ଫରେଷ୍ଟର କଳ୍ପନା ପ୍ରଧାନ, ଧରାକୋଟ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ଏକ ମିଳିତ ଟିମ ଥୁରୁଥୁରା, ଗମ୍ଭାରୀଗାଁ, ଜାହାଡ଼ା, ପଣିବନ୍ଧ ସହ ଋଷିକୁଲ୍ୟା ନଦୀ ଅପରପାର୍ଶ୍ୱର ବିଭିନ୍ନ ଗ୍ରାମକୁ ଲାଗିଥିବା ଜଙ୍ଗଲରେ ଗୁରୁବାର ରାତିରେ ପାଟ୍ରୋଲିଂ କରିଥିଲେ। କୌଣସି ଶିକାରୀ ଧରାପଡ଼ିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ଏଥିରେ ଫରେଷ୍ଟ ଗାଡ ସନ୍ତୋଷ ବେହେରା, ବିଦ୍ୟୁତ୍ ବିଭାଗ କର୍ମଚାରୀ ଦେବରାଜ ରାଉତ, ରବୀନ୍ଦ୍ର ଜେନାଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ପର୍ଯ୍ୟାୟକ୍ରମେ ଜଙ୍ଗଲରେ ପାଟ୍ରୋଲିଂ କରାଯିବା ସହ ବନ୍ୟଜନ୍ତୁ ସୁରକ୍ଷା ଦିଆଯିବ ବୋଲି ଫରେଷ୍ଟର ପ୍ରଧାନ କହିଛନ୍ତି।

## ମଦ ଧରପଗଡ, ୨ ଗିରଫ

ବାଲିଗୁଡା,୨୨।୧

ବାଲିଗୁଡା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ମଦ ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲଣ କରିଛି। ପ୍ରକାଶ ଯେ, ବାଲିଗୁଡା ଥାନା ଅଧିକାରୀ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗଠିତ ହୋଇ ବାରଖମା ପଞ୍ଚାୟତରେ ଚଢାଉ କରିଥିଲା। ଶୁକାନ୍ତ ପ୍ରଧାନୀଙ୍କ ଠାରୁ ୨୦ ଲିଟର ମହୁଲି ମଦ, ବାଲିଗୁଡା କାମ୍ପପଡା ସାହିର ତ୍ରିଲୋଚନ ଦିଗାଲଙ୍କ ଠାରୁ ୧୦ ଲିଟର ମହୁଲି ମଦ ଜବତ କରି ୨ ଜଣଙ୍କୁ ଗିରଫ କରିଥିଲେ। ନଂ.୩୨ ଓ ୩୩/୨୦ରେ ୨ଟି ମାମଲା ରୁଜୁ କରି ଗିରଫ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଲିଙ୍ଗରାଜ ଆରୁଖଙ୍କ ସ୍ମୃତିସଭା

ଭଞ୍ଜନଗର,୨୨।୨(ଡି.ଏନ୍.ଏ.)

ବରିଷ୍ଠ ବିଜେଡି ନେତା ଲିଙ୍ଗରାଜ ଆରୁଖ ଶନିବାର ଦ୍ୱାଦଶାହ ଅବସରରେ ତାଙ୍କ ଗ୍ରାମ ଅଗଝୋଳରେ ଏକ ସ୍ମୃତିସଭା ହୋଇଥିଲା। ଲିଙ୍ଗରାଜ ଆରୁଖଙ୍କ ଜଣେ ନିରପେକ୍ଷ ରାଜନେତା ଥିଲେ। ସେ ଥରେ ଜିଲା ପରିଷଦ ସଭ୍ୟ, ୩ଥର ସରପଞ୍ଚ, ୨ଥର ସମିତିସଭ୍ୟ ସମେତ ରାଜ୍ୟ ସରକାରଙ୍କ ଅନେକ ବୋର୍ଡରେ କର୍ମକର୍ତ୍ତା ଥିଲେ। ଏଥିସହ ଜଣାଶୁଣା ସମାଜସେବୀ ଭାବେ ପରିଚିତ ଥିଲେ ବୋଲି ବକ୍ତାମାନେ କହିଥିଲେ। ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ବ୍ଲକ ଅଧକ୍ଷା ବିନ ଦଳବେହେରା, ସୁଦର୍ଶନ ଗୌଡ, ରାଜା ସାହୁ, ଅବସରପ୍ରାପ୍ତ କଲେଜ ଅଧକ୍ଷ ଡ. ବିଚିତ୍ରାନନ୍ଦ ଦାସ, ଡ. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶୁଳପାଣି ଶତପଥୀ ସଭା ସଂଯୋଜନା ଓ ଲୋକନାଥ କର ସଭାପତିତ୍ୱ କରିଥିଲେ।

## ଅଭିଯୁକ୍ତଙ୍କୁ ଧରୁନି ପୋଲିସ, ଆନ୍ଦୋଳନ ଚେତାବନୀ

**ସରପଞ୍ଚଙ୍କୁ ଆକ୍ରମଣ ଘଟଣା**

ଦିଗପହଣ୍ଡି,୨୨।୨(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ କରପଡ଼ା ସରପଞ୍ଚ ଗାୟତ୍ରୀ ପ୍ରଧାନଙ୍କୁ ତାଙ୍କ ବିପକ୍ଷ ଗୋଷ୍ଠୀ ଅସଦାଚରଣ କରିବା ସହ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କୁ ପୋଲିସ ଧରୁନି। ତେଣୁ ଅଭିଯୁକ୍ତମାନଙ୍କୁ ଗିରଫ କରା ନ ଗଲେ ସରପଞ୍ଚ ଦିଗପହଣ୍ଡି ଥାନା ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଗତ ୧୫ ତାରିଖରେ ତାଙ୍କୁ ଘର ସାମ୍ନାକୁ ଆସି ଅଭିଯୁକ୍ତମାନେ ଗାଳିଗୁଲଜ କରିଥିଲେ। ପ୍ରତିବାଦ କରିବାରୁ ସେମାନେ ସଂଘବଦ୍ଧ ସରପଞ୍ଚଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଦିଗପହଣ୍ଡି ପୋଲିସ ନଂ. ୩୨/୨୦ରେ ମାମଲା ରୁଜୁ କରିଥିଲା, କିନ୍ତୁ ଅଭିଯୁକ୍ତମାନଙ୍କୁ ଗିରଫ କରୁନଥିବା ସେ ଅଭିଯୋଗ କରିଛନ୍ତି। ଏ ନେଇ ଚିକିଟି ଏସ୍‌ଡିପିଓ ସୁରେନ୍ଦ୍ରନାଥ ମୁର୍ମୁଙ୍କୁ ପଚାରିବାରୁ ସରପଞ୍ଚଙ୍କ ଏତଲା କ୍ରମେ ପୋଲିସ ତଦନ୍ତ କରୁଥିବା ସେ କହିଛନ୍ତି।

## ବସ୍ ଟ୍ରାଜେଡି: ୫ ଆହତ ପରିବାରଙ୍କୁ ସହାୟତା ପ୍ରଦାନ

ଗୋପାଳପୁର,୨୨।୨

ରଙ୍ଗେଇଲୁଣ୍ଡା ବ୍ଲକ ଡଙ୍କଲପାଡୁ ରାସ୍ତାରେ ଗତ ୯ ତାରିଖରେ ନିର୍ବନ୍ଧ ପାଇଁ ଯାଉଥିବା ବସ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୧୧ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରି ଦେଇଥିଲା। ଘଟଣାକୁ ୧୪ ଦିନ ବିତିଥିବା ବେଳେ ଏଥିରେ ଜଣେ ଛାତ୍ରୀ ହାତ ଓ ଜଣେ ମହିଳା ଗୋଡ଼ ହରାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ମାନବାଧିକାର କମିଶନ ଆହତ ପରିବାର ଲୋକଙ୍କୁ ୨୫ ହଜାର ଟଙ୍କା ଲେଖାଏ ତୁରନ୍ତ ସହାୟତା ପ୍ରଦାନ ପାଇଁ ଗତ ୨୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଶନିବାର ସାଉଥ୍‌କୋ ଅଧିକାରୀମାନେ ଡଙ୍କଲପାଡୁ ଗ୍ରାମରେ ପହଞ୍ଚି ଆହତ ୟୁ.ମୋହିନୀ, ୟୁ.ଦାଲାମ୍ମା, ପି.ଭୂମିକା, ୟୁ. ଲଳିତା ଓ ବି.ଜାନକୀଆମ୍ମାଙ୍କ ପରିବାରକୁ ସହାୟତା ପ୍ରଦାନ କରିଛନ୍ତି। ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ୟୁ. ଲଳିତା ଓ ବି.ଜାନକୀଆମ୍ମା ଘରକୁ ଫେରିଥିବା ଜଣାପଡ଼ିଛି। ରବିବାର କଟକରେ ଚିକିତ୍ସିତ ହେଉଥିବା ଗୁରୁତର ୬ ଜଣ ବି.ସାରଦା ରେଡ୍ଡୀ, ସିଏଚ୍ ବଳରାମ ରେଡ୍ଡୀ, ବି.ପ୍ରସାଦ ରେଡ୍ଡୀ, କେ.ଜାନକୀଆମ୍ମା, ପି. ଭାରତୀ ରେଡ୍ଡୀ ଓ ପି.ଆଙ୍କାମ୍ମାଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ଦେବେଶ ରଞ୍ଜନ ପଣ୍ଡା କହିଛନ୍ତି। ଏହି ଘଟଣାରେ ମୃତକଙ୍କ ପରିବାରଙ୍କୁ କୌଣସି ଆର୍ଥିକ ସହାୟତା ମିଳି ନ ଥିବା ଜଣାପଡ଼ିଛି।

## ୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣଙ୍କୁ ନେଇ ଅସନ୍ତୋଷ

ଗଞ୍ଜାମ,୨୨।୨(ଡି.ଏନ.ଏ.)

ଗଞ୍ଜାମ ସହର ଶ୍ମଶାନ ଘାଟ ନିକଟରୁ ମାଛ ମାର୍କେଟକୁ ସଂଯୋଗ କରୁଥିବା ପୁରାତନ ୫ ନମ୍ବର ଜାତୀୟ ରାଜପଥ କଲେଜ ରୋଡ଼ କିଛି ମାସ ହେଲା ସମ୍ପ୍ରସାରିତ ହୋଇଥିବା ବେଳେ ତାହା ରାଉଳ ସାହି ପ୍ରାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ କାମ ଶେଷ ହୋଇଥିଲା। ସମ୍ପ୍ରତି ସେହିଠାରୁ ମାଛ ମାର୍କେଟ ନିକଟରେ ରହିଥିବା ମୁଖ୍ୟ ରାସ୍ତାକୁ ସଂଯୋଗ କରାଯିବା ନେଇ ପିଡବ୍ଲ୍ୟୁଡି ବିଭାଗ ପକ୍ଷରୁ ସର୍ଭେ ଆରମ୍ଭ ହୋଇଛି। ପୂର୍ବରୁ ସମ୍ପ୍ରସାରିତ ହୋଇଥବା ରାସ୍ତା ନିର୍ମାଣ ହେଲେ ସ୍କୁଲ ପାଚେରୀ ଭାଙ୍ଗିବାକୁ ପଡୁଥିବାରୁ ସେଠାରୁ ଏଲ ଆକାରରେ ରାସ୍ତା ସମ୍ପ୍ରସାରିତ ହେବାର ଯୋଜନା ଥିବାରୁ ସେଠାର ଦୁର୍ଘଟଣା ଘଟିବା ସମ୍ଭାବନାକୁ ନେଇ ଅସନ୍ତୋଷ ଦେଖାଯାଇଛି। ଯାହାକୁ ନେଇ ମଙ୍ଗଳବାର ଗଞ୍ଜାମ ଅଞ୍ଚଳବାସୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲେ । ସେ ନ ଥିବାରୁ ଅତିରିକ୍ତ ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ସରସ୍ୱତୀ ଶିଶୁ ମନ୍ଦିରକୁ ପିଲାମାନେ ଯିବା ଆସିବା କରୁଥିବା ବେଳେ ସେଠାରେ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଥିବା ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ତେଣୁ ସ୍କୁଲ ପାଚେରୀ ଭାଙ୍ଗି ରାସ୍ତା ନିର୍ମାଣ କରିବାକୁ ଦାବି ହୋଇଛି। ସତ୍ୟନାରାୟଣ ପଟ୍ଟନାୟକ, ଦୁର୍ଗାଚରଣ ପଣ୍ଡା, ଟୁନା ଗୌଡ଼, ଲିପୁନ ପଣ୍ଡା, ସୁନୀଲ ରାଓ, କାମନା ବେହେରା, ଅମର ମହାପାତ୍ର, ଶୁଭ ନାରାୟଣ ପଟ୍ଟନାୟକ, ଏନ.ଗୋପାଳ, କେ.କମାରାଜୁ ରାଓ ପ୍ରମୁଖଙ୍କ ସହ ଅନ୍ୟମାନେ ଏକ ଟିମ୍ ସ୍ମାରକପତ୍ର ପ୍ରଦାନ କରିବା ସହ ଜିଲା ପ୍ରଶାସନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି।

## ଉଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନ ଦେଲା ଋଣ**
**ପିତା ଦୁଉଣ, ଝିଅ ମରଣ**
**ଆଗେ ଅବିଗୁଣ, ପଛକୁ ଗୁଣ ।**

ଉପରୋକ୍ତ ବର୍ଣ୍ଣିତ ଅବସ୍ଥା ଭୁକ୍ତଭୋଗୀ ବ୍ୟକ୍ତି ପକ୍ଷେ ସହ୍ୟ କରିବା ଅତୀବ କଷ୍ଟକର ବା ଦୁଃଖଦାୟୀ ହୋଇଥାଏ। ପରନ୍ତୁ ଏହା ପଛରେ ଲୁଚି ରହିଥିବା ପ୍ରକୃତ ବାସ୍ତବତା ପରିଶେଷରେ ଉକ୍ତ ବ୍ୟକ୍ତି ଲାଗି ହିତକର ସାବ୍ୟସ୍ତ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ନିଜେ ରାନ୍ଧି ନିଜେ ଖାଏ**
**ପରଶଂସା କରୁଥାଏ ।**

ନିଜେ ରାନ୍ଧି ନିଜେ ଖାଇ ସୁଆଦିଆ ଲାଗୁଥିବା କହିବାରେ କୌଣସି ଯଥାର୍ଥତା ରହି ନ ଥାଏ। ସାଧାରଣତଃ ସଭିଏଁ ନିଜକୁ ଭଲ ବୋଲି ଦେଖେଇ ହୁଅନ୍ତି ବା କହି ହୁଅନ୍ତି। କିନ୍ତୁ ପ୍ରକୃତରେ ସିଏ ହିଁ ଭଲ ଯାହାକୁ ସମସ୍ତେ କହିଥାନ୍ତି। ନିଜ ମୁହଁରେ ନିଜର ପ୍ରଶଂସା କରିବା ମୂର୍ଖାମି ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୨୩।୨।୨୦୨୦(ରବିବାର)**
- ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ। ସ୍ଥାନ- ବିଷ୍ଣୁଚକ୍ର, ସମୟ- ଅପରାହ୍ଣ ୩ଟା।
- ବୁଗୁଡ଼ା ବ୍ଲକ ଅଙ୍ଗନୱାଡି କର୍ମୀ ସଂଘର ସାଧାରଣ ବୈଠକ। ସ୍ଥାନ- ବୁଗୁଡ଼ା ଶ୍ରୀ ବଳଦେବ ସ୍ୱାମୀ ମନ୍ଦିର, ସମୟ-ପୂର୍ବାହ୍ଣ ୧୦ଟା।
- ଓଡିଶା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା। ସ୍ଥାନ-ଖଲ୍ଲିକୋଟ କଲେଜ ଖେଳପଡ଼ିଆ, ସମୟ-ଅପରାହ୍ଣ ୫ଟା।
- ଅକ୍ଷୟ ସଙ୍ଗୀତ ସନ୍ଧ୍ୟା। ସ୍ଥାନ-ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ- ସନ୍ଧ୍ୟା ୬ଟା।
- ବସନ୍ତ ଉତ୍ସବ-୨୦୨୦ ଦ୍ୱିତୀୟ ସନ୍ଧ୍ୟା। ସ୍ଥାନ-ଗଞ୍ଜାମ କଳା ପରିଷଦ, ସମୟ- ସନ୍ଧ୍ୟା ୬ଟା।
- ଚକ୍ଷୁଯତ୍ନ ସମ୍ପର୍କିତ କର୍ମଶାଳା। ସ୍ଥାନ- ଇକୋସ ଚକ୍ଷୁ ଚିକିତ୍ସାଳୟ, ସମୟ-ପୂର୍ବାହ୍ଣ ୧୦ଟା।

**୨୪।୨।୨୦୨୦ (ସୋମବାର)**
- ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର। ସ୍ଥାନ- ପଙ୍ଗଲବାଡ଼ି ପ୍ରାଥମିକ ବିଦ୍ୟାଳୟ, ସମୟ- ପୂର୍ବାହ୍ଣ ୧୦ଟା।
- ମହିଳା ସ୍ୱାସ୍ଥ୍ୟ କର୍ମୀମାନଙ୍କ ସମୀକ୍ଷା। ସ୍ଥାନ- ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ, ଦିଗପହଣ୍ଡି, ସମୟ- ପୂର୍ବାହ୍ଣ ୧୧ଟା।

**୨୫।୨।୨୦୨୦(ମଙ୍ଗଳବାର)**
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ତାଲିମ ଶିବିର। ସ୍ଥାନ- ସିଡିପିଓ କାର୍ଯ୍ୟାଳୟ ସଭାଗୃହ, ସମୟ- ପୂର୍ବାହ୍ଣ ୧୦ଟା।
- ଶିଶୁ ଓ ପ୍ରସୂତିଙ୍କ ପାଇଁ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ମନ୍ଦିର ପ୍ରତିଷ୍ଠା ପାଇଁ ମହାଯଜ୍ଞ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ। ସ୍ଥାନ-ଦିଗପହଣ୍ଡି ପାତଳେଶ୍ୱର ଶୈବପୀଠ, ସମୟ-ଅପରାହ୍ଣ ୨ଟା।

**୨୬।୨।୨୦୨୦ (ବୁଧବାର)**
- ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର। ସ୍ଥାନ- ଅନ୍ତରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ- ଅପରାହ୍ଣ ୨ଟା।
- ବ୍ଲକସ୍ତରୀୟ ଜନ ଶୁଣାଣି ଶିବିର। ସ୍ଥାନ-ବ୍ଲକ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ଣ ୧୧ଟା।
- ଶିଶୁ ଓ ଗର୍ଭବତୀଙ୍କୁ ଟିକାକରଣ କାର୍ଯ୍ୟକ୍ରମ। ସ୍ଥାନ- ବମକେଇ ଓ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ-ପୂର୍ବାହ୍ଣ ୧୦ଟା।
- ପ୍ରାଣୀ ଚିକିତ୍ସା ଶିବିର ଓ ସଚେତନତା। ସ୍ଥାନ- ବମକେଇ ଓ କୈଠଖଣ୍ଡି ପ୍ରାଣୀ ଚିକିତ୍ସା ଉପକେନ୍ଦ୍ର, ସମୟ-ପୂର୍ବାହ୍ଣ ୧୦ଟା।

**୨୭।୨।୨୦୨୦ (ଗୁରୁବାର)**
- ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର। ସ୍ଥାନ-ଗୌଡ଼ିଆ ବୋରଦା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ- ପୂର୍ବାହ୍ଣ ୧୦ଟା।
- ଅଣସଂକ୍ରାମକ ରୋଗର ପରୀକ୍ଷା ଓ ପରାମର୍ଶ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ର, ସମୟ- ସକାଳ ୯ଟା।
- ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର। ସ୍ଥାନ- ଦିଗପହଣ୍ଡି ବ୍ଲକ ପରିସର, ସମୟ-ପୂର୍ବାହ୍ଣ ୧୦ଟା ୩୦ ମିନିଟ୍।
- ଏମ୍‌ଜିଏନ୍‌ଆରଇଜିଏସ୍ ବ୍ଲକସ୍ତରୀୟ ଜନଶୁଣାଣି। ସ୍ଥାନ-ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ଣ ୧୧ଟା ୩୦ ମିନିଟ୍।

**୨୮।୨।୨୦୨୦ (ଶୁକ୍ରବାର)**
- କୃଷ୍ଣସାର ମୃଗ ଗଣନା କାର୍ଯ୍ୟକ୍ରମ। ସ୍ଥାନ- ବନାଞ୍ଚଳର ବିଭିନ୍ନ ସ୍ଥାନ, ସମୟ- ସକାଳ ୬ଟା।
- ଦିଗପହଣ୍ଡି ପଞ୍ଚାୟତ ସମିତି ବୈଠକ। ସ୍ଥାନ- ବ୍ଲକ ସମ୍ମିଳନୀ କକ୍ଷ, ସମୟ- ପୂର୍ବାହ୍ଣ ୧୧ଟା।
- ଗର୍ଭବତୀଙ୍କ ଏଚ୍‌ଆଇଭି ପରୀକ୍ଷା ଓ ମମତା ଦିବସ ସଚେତନତା। ସ୍ଥାନ- ଦିଗପହଣ୍ଡି ବ୍ଲକ ଅଧୀନ ସମସ୍ତ ଅଙ୍ଗନୱାଡି କେନ୍ଦ୍ର, ସମୟ- ସକାଳ ୯ଟା।

**୨୯।୨।୨୦୨୦ (ଶନିବାର)**
- ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ତାଲିମ ଶିବିର। ସ୍ଥାନ- ସିଡିପିଓ କାର୍ଯ୍ୟାଳୟ ସଭାଗୃହ, ସମୟ- ପୂର୍ବାହ୍ଣ ୧୦ଟା।
- ବ୍ଲକସ୍ତରୀୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା। ସ୍ଥାନ- ବ୍ଲକ ସମ୍ମିଳନୀ କକ୍ଷ, ଦିଗପହଣ୍ଡି, ସମୟ- ଅପରାହ୍ଣ ୩ଟା।
- ଦିଗପହଣ୍ଡି ଏନ୍‌ଏସି ପକ୍ଷରୁ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ସଚେତନତା ଅଭିଯାନ। ସ୍ଥାନ- ଦିଗପହଣ୍ଡି ବଜାର ଗାନ୍ଧୀ ଛକ, ସମୟ-ଅପରାହ୍ଣ ୩ଟା।

## କୁଇଭାଷା ସମ୍ମିଳନୀରେ କବି ପ୍ରଦୀପ ସମ୍ବର୍ଦ୍ଧିତ



ପ୍ରଦୀପ କହଁରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଫୁଲବାଣୀ ଅଫିସ, ୨୨।୨

ଫୁଲବାଣୀ କରୋନେସନ ପଡିଆରେ ବନଜ୍ୟୋତ୍ସ୍ନା ସାହିତ୍ୟ ସଂସଦ ପକ୍ଷରୁ ଏକାଦଶ କନ୍ଧମାଳ ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା ଚାଲିଛି। ଶନିବାର ସନ୍ଧ୍ୟାରେ କୁଇ ଭାଷା ସମ୍ମିଳନୀ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଗବେଷକ ନୀରଦ ଚନ୍ଦ୍ର କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧାପକ ତୀର୍ଥ ଜାନୀ, ଏସ୍‌ଡିସି ଅଧକ୍ଷ ରଦନ ମଲ୍ଲିକ, ଡ. କାହ୍ନୁ ଚରଣ ଶତପଥୀ, ଦୀନବନ୍ଧୁ କହଁର, ଭୀମସେନ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଘଟାଲ, ଶ୍ରୀକାନ୍ତ ମଲ୍ଲିକ, ସୁଦର୍ଶନ କହଁର, ଗଣପତି ମଲ୍ଲିକ ପ୍ରମୁଖ ଯୋଗଦେଇ କୁଇ ଭାଷା ସାହିତ୍ୟ ଉପରେ ଆଲୋଚନା କରିଥିଲେ। ଏହାପରେ କୁଇ ଲୋକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। କୁଇ ଭାଷା ଓ କବିତା ପାଇଁ ପ୍ରଦୀପ କହଁରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଦ୍ୱିତୀୟ ଦିନରେ ମାଟ୍ରିକ ପରୀକ୍ଷା

## ଶାନ୍ତିଶୃଙ୍ଖଳାରେ ହେଲା ଇଂଲିଶ ପରୀକ୍ଷା

**ବ୍ରହ୍ମପୁର ଅଫିସ,୨୨।୨:** ମାଟ୍ରିକ ପରୀକ୍ଷାର ଶନିବାର ଦ୍ୱିତୀୟ ଦିବସ ବିତିଛି। ଇଂଲିଶ ବିଷୟ ପରୀକ୍ଷା ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। କୌଣସି ମାଲପ୍ରାଟିସ୍ ହୋଇ ନ ଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦ୍ୱିତୀୟ ଦିନରେ ଗଞ୍ଜାମ ଜିଲାର ୨୧୬ କେନ୍ଦ୍ର ମଧ୍ୟରୁ ୩୦କେନ୍ଦ୍ରରେ ଗଞ୍ଜାମ ଜିଲା ଶିକ୍ଷାଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଠିତ ସ୍ୱତନ୍ତ୍ର ସ୍କ୍ୱାଡ୍ ପରିଦର୍ଶନ କରିଥିଲେ । ଏହାବ୍ୟତୀତ ଡିଇଓ ଅମୁଲ୍ୟ କୁମାର ପ୍ରଧାନ ସ୍ୱତନ୍ତ୍ର ଭାବେ ବୁଗୁଡା ବ୍ଲକର ୫ କେନ୍ଦ୍ର ପରିଦର୍ଶନ କରିଥିଲେ।

## ଆହତ ଯୁବକଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୨।୨:** ବାଇକ୍‌ରୁ ପଡି ଗୁରୁତର ଆହତ ହୋଇଥିବା ଜଣେ ଯୁବକଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ମୃତ ଯୁବକ କେ. ନୂଆଗାଁ ଥାନା ଅନ୍ତର୍ଗତ ବଡପଲଙ୍କ ଗ୍ରାମର କୃଷ୍ଣ ଚନ୍ଦ୍ର ପ୍ରଧାନ (୩୨)। ମେଡିକାଲ ଫାଣ୍ଡି ପୋଲିସ ଶନିବାର ମୃତଦେହ ଜବତ କରି ନଂ.୭୮/୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, କୃଷ୍ଣ ଶୁକ୍ରବାର ତାଙ୍କ ଶ୍ୱଶୁର ଘର ଜରଡ଼ା ଯାଇଥିଲେ। ଅପରାହ୍ଣ ପ୍ରାୟ ୫ ଟା ବେଳେ ସେ ତାଙ୍କ ବାଇକ୍‌ରେ ଗାଁକୁ ଫେରୁଥିଲେ। ପାତ୍ରପୁର ନିକଟରେ ତାଙ୍କ ଗାଡିର ଚକା ଖସିଯିବାରୁ ସେ ରାସ୍ତା ଉପରେ ପଡି ଯାଇଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ କୃଷ୍ଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ବିଷ କ୍ରିୟାରେ ଯୁବତୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୨।୨:** ବିଷ କ୍ରିୟାରେ ଗୁରୁତର ଥିବା ଜଣେ ଯୁବତୀଙ୍କୁ ଏମ୍‌କେସିଜି ମେଡିକାଲରେ ଶୁକ୍ରବାର ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଭୀମପଲ୍ଲୀର ଯାଜ୍ଞସେନୀ ଗୌଡ଼ (୧୮) । ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ.୮୨/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣାରୁ ପ୍ରକାଶ, କୌଣସି ଏକ ଘରୋଇ ଅଶାନ୍ତିକୁ କେନ୍ଦ୍ରକରି ଯୁବତୀ ଜଣଙ୍କ ଶୁକ୍ରବାର ସନ୍ଧ୍ୟାରେ ବିଷ ପିଇ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା।

# ମହାନଗରରେ ବୃଦ୍ଧି ପାଇବ ହୋଲ୍‌ଡିଂ ଟିକସ

■ଆସନ୍ତା ଆର୍ଥିକ ବର୍ଷରୁ ହେବ କାର୍ଯ୍ୟକାରୀ
■ନୂଆ ଟିକସ ଧାର୍ଯ୍ୟ ନେଇ ସାର୍ବଜନୀନ କରାଯିବ
■ବିଏମ୍‌ସି ୱେବ୍‌ସାଇଟରେ ହେଉଛି ଅପ୍‌ଲୋଡ୍

ବ୍ରହ୍ମପୁର ଅଫିସ,୨୨।୨

ବ୍ରହ୍ମପୁର ମହାନଗର ନିଗମରେ ହୋଲ୍‌ଡିଂ ଟିକସ ବହୁ ପରିମାଣରେ ବଢ଼ିବ। ଆସନ୍ତା ୨୦୨୦-୨୧ ଆର୍ଥିକ ବର୍ଷରୁ ବର୍ଦ୍ଧିତ ଟିକସ ଆଦାୟ କରାଯିବ। ଏଥିପାଇଁ ନିଗମ ପକ୍ଷରୁ ପ୍ରସ୍ତୁତି ସରିଛି । ଖୁବଶୀଘ୍ର ବିଏମ୍‌ସି ୱେବ୍‌ସାଇଟରେ ଉପଲବ୍ଧ (ସାର୍ବଜନୀନ) ହେବାର ବ୍ୟବସ୍ଥା ହେଉଛି। ଏଥିପାଇଁ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟରେ ଅପ୍‌ଲୋଡ କରାଯାଉଛି। ଦୀର୍ଘବର୍ଷରୁ ଯେଉଁ ଘର ମାଲିକମାନେ ବାର୍ଷିକ ଶହେରୁ ଦୁଇ ଶହ ଟଙ୍କା ମଧ୍ୟରେ ହୋଲ୍‌ଡିଂ ଟିକସ ଦେଉଥିଲେ ତାହା ମାତ୍ରାଧିକ ବୃଦ୍ଧି ପାଇବାର ସ୍ପଷ୍ଟ ହୋଇଛି। ସର୍ବନିମ୍ନ ଘର ଟିକସ ବାର୍ଷିକ ୬ ଶହ ଟଙ୍କା ଦେବାକୁ ପଡ଼ିବ। ବଡ଼ ବଡ଼ କୋଠା, ବହୁ ତାଲାଘର, ମଲ, କଲ୍ୟାଣ ମଣ୍ଡପ ଓ ସିନେମା ହଲ ସମେତ ସରକାରୀ ବଙ୍ଗଳା ଆଦିରୁ ଆଖିବୁଜା ଟିକସ ଆଦାୟ କରାଯିବ। କେବଳ ହୋଲ୍‌ଡିଂ ନୁହେଁ ବିଏମ୍‌ସି ସମସ୍ତ ଟିକସ ବଢ଼ାଇବାର ପଦକ୍ଷେପ ନେଇଛି।

ମିଳିଥିବା ସୂଚନାନୁସାରେ, ୧୯୬୦ ଦଶକର ପ୍ରଥମ ଭାଗରେ ହୋଲ୍‌ଡିଂ ଟିକସ ବୃଦ୍ଧି ନେଇ ପୂର୍ବ ପୌର ପରିଷଦ ସମୟରେ ରିଭିଜନ ହୋଇଥିଲା। ଦୀର୍ଘ ୫୦ ବର୍ଷ ପରେ ପୁଣି ରିଭିଜନ କରାଯାଇଛି। ୨୦୧୮ ସେପ୍ଟେମ୍ବର ଶେଷରେ ମହାନଗର ନିଗମର ନିର୍ବାଚିତ ଜନ ପ୍ରତିନିଧିଙ୍କ ୫ ବର୍ଷିୟା କାର୍ଯ୍ୟକାଳ ସରିଛି। ସେହିବର୍ଷ ଅକ୍ଟୋବରରୁ ପରିଚାଳନା ଦାୟିତ୍ୱ ସରକାରଙ୍କ ହାତକୁ ଯାଇଛି। ଏହାର ଦେଢ଼ ବର୍ଷ ବିତିବାକୁ ଯାଉଥିବା ବେଳେ ପୌର ନିର୍ବାଚନକୁ ସରକାର ଝୁଲାଇ ରଖିଛନ୍ତି। ମେୟର ଓ କର୍ପୋରେଟରମାନେ ନ ଥିବା ସୁଯୋଗରେ ହୋଲଡିଂ ସମେତ ବିଭିନ୍ନ ଟିକସ ବଢ଼ାଇବା ପାଇଁ ପଦକ୍ଷେପ ନିଆଯାଇଛି। ବିଏମ୍‌ସିର ପ୍ରଶାସକ ଭାବେ ଗଞ୍ଜାମ ଜିଲାପାଳଙ୍କୁ ସରକାର ଅତିରିକ୍ତ ଦାୟିତ୍ୱରେ ଅବସ୍ଥାପିତ କରିଛନ୍ତି।

ପୌର ସଂସ୍ଥାରୁ ମହାନଗର ନିଗମ ହେବାର ୧୧ ବର୍ଷ ପୁରିଛି। ସ୍ୱାୟତ୍ତ ଶାସନ ସଂସ୍ଥାରେ ରାଜସ୍ୱ ବୃଦ୍ଧି ନିମନ୍ତେ ଅଫିସରସ୍ତରୀୟ ସାଧାରଣ ବୈଠକରେ ନିଷ୍ପତ୍ତି ନିଆଯାଇଛି। କେବଳ ଘର ଟିକସ ବାବଦରେ ବର୍ତ୍ତମାନ ସୁଦ୍ଧା ସାଢ଼େ ୪ରୁ ପ୍ରାୟ ୫ କୋଟି ଟଙ୍କା ବାର୍ଷିକ ଆଦାୟ ହେଉଛି। ଆସନ୍ତା ବର୍ଷରୁ ବର୍ଦ୍ଧିତ ଟିକସ ବାବଦରେ ବହୁଗୁଣ ବୃଦ୍ଧି ପାଇବାର ଆକଳନ କରାଯାଇଛି। ସୂଚନାଯୋଗ୍ୟ, ଏବେ ମହାନଗରରେ ସାଢ଼େ ୫୭ ହଜାର ବିଭିନ୍ନ ବର୍ଗର ବାସଗୃହ ଥିବା ନିଗମ ସୂତ୍ରରୁ ଜଣାପଡ଼ିଛି। ଅନେକ ସାହିବସ୍ତିରେ ନୂଆ ଘର ନିର୍ମାଣ ମଧ୍ୟ କରାଯାଉଛି। କେବଳ ଟିକସ ବୃଦ୍ଧି ନୁହେଁ ସରକାରୀ ସଂସ୍ଥା ଗୁଡିକରେ ବର୍ଷ ବର୍ଷ ଧରି ବକେୟା ପଡ଼ିଥିବା ହୋଲଡିଂ ଟିକସ ଆଦାୟକୁ ମଧ୍ୟ କଡ଼ାକଡ଼ି ବ୍ୟବସ୍ଥା ହୋଇଛି। ଫଳରେ ଗତବର୍ଷ ଡିସେମ୍ବର ସୁଦ୍ଧା ବିପୁଳ ପରିମାଣର ଟଙ୍କା ଆଦାୟ କରାଯାଇଛି। ହୋଲ୍‌ଡିଂ ଟିକସ ବୃଦ୍ଧି ପ୍ରତିବାଦରେ ବିରୋଧୀ ଦଳ ପକ୍ଷରୁ ବିଭିନ୍ନ ଭାବରେ ଆନ୍ଦୋଳନ କରାଯିବାର ମଧ୍ୟ ଆଶଙ୍କା କରାଯାଇଛି।



ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳପଡିଆରେ ଆୟୋଜିତ ଓଡିଶା ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ଛତ୍ରପୁର ବିଧାୟକ ସୁବାସ ବେହେରା, ବିଜେଡି ଗଞ୍ଜାମ ଜିଲା ସଭାପତି ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବିଡିଏ ଅଧ୍ୟକ୍ଷ ସୁବାସ ମହାରଣା ଓ ଅନ୍ୟମାନେ । (ଫଟୋ: ସମୀର)

## ରେଳଧାରଣାରୁ ମୃତଦେହ ଉଦ୍ଧାର

ବ୍ରହ୍ମପୁର ଅଫିସ,୨୨।୨

ସରକାରୀ ରେଳବାଇ ପୋଲିସ (ଜିଆରପି) ଶନିବାର ବ୍ରହ୍ମପୁର ରେଳଷ୍ଟେଶନ ୧ ନମ୍ବର ପ୍ଲାଟଫର୍ମ ଶେଷମୁଣ୍ଡରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ଯୁବକଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୧ ବର୍ଷ ହେବ ବୋଲି ପୋଲିସ କହିଛି। ମୃତଦେହ ଜବତ କରି ପୋଲିସ ନଂ. ୧୦/୨୦ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକଙ୍କ ପରିଚୟ ପାଇବା ପାଇଁ ମୃତଦେହ ୩ ଦିନ ଯାଏ ସଂରକ୍ଷଣ ଗୃହରେ ରଖାଯାଇଛି । ଯୁବକ ଜଣଙ୍କ ରେଳ ଧାରଣାରେ ଆତ୍ମହତ୍ୟା କରିଥିବା ପ୍ରାଥମିକ ଅନୁସନ୍ଧାନରୁ ପୋଲିସ ସନ୍ଦେହ କରୁଛି।

## ବିବାହ ପ୍ରଥମ ଦିନରେ ରକ୍ତଦାନ, ଚାରା ରୋପଣ


ନବ ଦମ୍ପତି ଚାରାରୋପଣ କରୁଛନ୍ତି।

ବ୍ରହ୍ମପୁର ଅଫିସ,୨୨।୨

**ନବ ଦମ୍ପତିଙ୍କ ନିଆରା ଚିନ୍ତାଧାରା**

ପରିବେଶ ସୁରକ୍ଷା ଓ ରକ୍ତଦାନର ଗୁରୁତ୍ୱ ଉପରେ ଯୁବପିଢ଼ିଙ୍କୁ ସଚେତନ କରାଇବା ଲକ୍ଷ୍ୟ ରଖିଛନ୍ତି ବ୍ରହ୍ମପୁରର ଏକ ନବ ଦମ୍ପତି। ବିବାହ ପ୍ରଥମ ଦିନରେ ଚାରା ରୋପଣ କରିବା ସହ ରକ୍ତଦାନ କରି ଯୁବସମାଜ ପାଇଁ ପ୍ରେରଣା ପାଲଟିଛନ୍ତି । ବ୍ରହ୍ମପୁର ବାସିନ୍ଦା ତଥା ପତଞ୍ଜଳି ଯୁବ ଭାରତ ରାଜ୍ୟ ସହପ୍ରଭାରୀ ସୁବ୍ରତ କୁମାର ପୂଜାରୀଙ୍କ ବିବାହ ଉତ୍ସବ ଅବସରରେ ଶନିବାର ଏମ୍‌କେସିଜି ମେଡିକାଲ କଲେଜ ରକ୍ତଭଣ୍ଡାର ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଏଥିରେ ନବ ବିବାହିତ ସୁବ୍ରତ ପ୍ରଥମେ ରକ୍ତଦାନ କରିଥିଲେ । ଏଥିସହ ପୂର୍ବାହ୍ନରେ ଉଭୟ ଦମ୍ପତି ସୁବ୍ରତ ଓ ତାଙ୍କ ସ୍ତ୍ରୀ ଅରିସା ଯୋଷୀ ଲୋଚାପଡା ଶ୍ରୀମାନ ନଗରରେ ବିଭିନ୍ନ ଔଷଧୀୟ ବୃକ୍ଷ ଚାରାରୋପଣ କରି ପରିବେଶ ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ଉପରେ ଯୁବପିଢ଼ିଙ୍କୁ ସଚେତନ କରିଥିଲେ । ଗଜପତି ନଗର ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁମୁଖୀ ସମାଜ ମଙ୍ଗଳ ସାଂସ୍କୃତିକ କେନ୍ଦ୍ରର କୃଷ୍ଣଚନ୍ଦ୍ର ଦାଶ, ଡ. ମାନସ ରଞ୍ଜନ ପାତ୍ର, ଭାରତ ସ୍ୱାଭିମାନ ପ୍ରଭାରୀ କେ. ରବି ବାବୁ, ପ୍ରାକ୍ତନ ପ୍ରଭାରୀ ଅଭି ପ୍ରଧାନ, କିଷାନ ପ୍ରଭାରୀ ସୀତାରାମ ପଣ୍ଡା, ପତଞ୍ଜଳୀ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଡ. ଦେବରାଜ ପାଣିଗ୍ରାହୀ ଓ ନରସିଂହ ପାଢୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏମ୍‌କେସିଜି ମେଡିକାଲ ରକ୍ତଭଣ୍ଡାର କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ । ଶିବିରରେ ୧୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।

## କେଏଟିଏସ୍‌ରେ କବିରାଜ ଅନନ୍ତ ତ୍ରିପାଠୀ ଶର୍ମାଙ୍କ ଜୟନ୍ତୀ

ବ୍ରହ୍ମପୁର ଅଫିସ,୨୨।୨

କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ମହାବିଦ୍ୟାଳୟର ପ୍ରତିଷ୍ଠାତା କବିରାଜ ଅନନ୍ତ ତ୍ରିପାଠୀ ଶର୍ମାଙ୍କ ୧୧୬ତମ ଜନ୍ମ ଜୟନ୍ତୀ ଶନିବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଯୋଗଦେଇ କବିରାଜଙ୍କ ଜୀବନ ଆଦର୍ଶ ଉପରେ ଆଲୋକପାତ କରିଥିଲେ । ଏଥିରେ ଡା. ଶଙ୍କର୍ଷଣ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅସ୍ଥିଶଲ୍ୟ ଚିକିତ୍ସା ଉପରେ ଆଲୋଚନା କରିଥିଲେ । ଏହି ଅବସରରେ ମହାବିଦ୍ୟାଳୟରେ ଥିବା କବିରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା । ପୂର୍ବତନ ଛାତ୍ର ସଂଘ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ପ୍ରତିଷ୍ଠା ଓ ଆୟୁର୍ବେଦର ପ୍ରଚାର ପ୍ରସାର କ୍ଷେତ୍ରରେ କବିରାଜଙ୍କ ଅବଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପୂର୍ବତନ ଛାତ୍ର ସଂସଦ ସଭାପତି ଡା. ନକୁଳ ସାହୁ, ସମ୍ପାଦକ ଡା. ରବୀନ୍ଦ୍ର ନାଥ ଗନ୍ତାୟତ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଡା. ଧବଳ ନାହାକ, ଡା. ବିମଲ ପଣ୍ଡା ଓ ଡା. ସୌଭାଗ୍ୟ ମହାଳି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରସଂସଦ ସଭାପତି ରାଜେଶ ସାହୁ, ଉପ ସଭାପତି ଶାଶ୍ୱତ ମୋହିଆଙ୍କ ସମେତ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ସହଯୋଗ କରିଥିଲେ ।

## ୨ ତାଲା ବନ୍ଦ ଘରୁ ଚୋରି ଘଟଣା: ପୋଲିସ କବ୍‌ଜାରେ ୪ ଦୁର୍ବୃତ୍ତ

ବ୍ରହ୍ମପୁର ଅଫିସ,୨୨।୨

ବ୍ରହ୍ମପୁର ସଦର ଥାନା ଅଞ୍ଚଳରେ ଏବେ ଚୋରି ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତ ୧୦ ଦିନ ଭିତରେ ୨ଟି ତାଲାବନ୍ଦ ଘରୁ ପ୍ରାୟ ୨୦ ଭରି ସୁନା ଗହଣା ଓ ଟଙ୍କା ଚୋରି ହୋଇଛି। ପୋଲିସ ପାଇଁ ଏହା ଏକ ଚାଲେଞ୍ଜ ହୋଇଛି। ୨ଟି ବଡଧରଣର ଚୋରୀ ପରେ କେତେକ ଦକ୍ଷ ପୋଲିସଙ୍କୁ ନେଇ ଏବେ ଏକ ଟିମ୍ ଗଠନ କରାଯାଇଛି। ସିସି ଟିଭି ଫୁଟେଜ ଓ ବିଭିନ୍ନ ସୁରାକକୁ ଆଧାର କରି ପୋଲିସ ୪ ଜଣ ଦୁର୍ବୃତ୍ତଙ୍କୁ କାବୁ କରି ଥାନାରେ ରଖି ଜେରା ଚଳାଇଛି। ତଦନ୍ତରେ ଅସୁବିଧା ଦୃଷ୍ଟିରୁ ସେମାନଙ୍କ ନାମ ଗୋପନ ରଖାଯାଇଛି ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଗତ ୧୮ ତାରିଖରେ ଗୃହକର୍ତ୍ତା କାଳୀଚରଣ ସାହୁ ସପରିବାର ପୁରୀ ଜଗନ୍ନାଥ ଦର୍ଶନ ପାଇଁ ଯାଇଥିଲେ। ୧୯ରେ ସେମାନେ ବ୍ରହ୍ମପୁର ଫେରିଥିଲେ। ଘରେ ପହଞ୍ଚି ଦେଖିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ତାଲା ବନ୍ଦ ଘରେ କଳାକନା ବୁଲାଇ ଦେଇଛନ୍ତି। ଏନେଇ ଗୃହକର୍ତ୍ତା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୬/୨୦ରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଅଞ୍ଚଳରେ ଚୋରି ବଢୁଥିବାରୁ ପୋଲିସ ପାଇଁ ଏବେ ଚିନ୍ତାର ବିଷୟ ହୋଇଛି।

ସେହିପରି ଗତ ୧୩ ତାରିଖରେ ଉକ୍ତ ଥାନା ଅନ୍ତର୍ଗତ ନିମଖଣ୍ଡି ଗଣେଶ ନଗରରେ ରହୁଥିବା ଔଷଧ ବ୍ୟବସାୟୀ ଏଲ.ଭେଙ୍କଟେଶଙ୍କ ଘରୁ ଚୋରି ହୋଇଥିଲା। ଗୃହକର୍ତ୍ତାଙ୍କ ଅନୁପସ୍ଥିତିରେ ଘର ଗ୍ରୀଲ ତାଲା ଭାଙ୍ଗି ଦୁର୍ବୃତ୍ତମାନେ ତାଙ୍କ ବେଡ଼ରୁମର ୨ଟି ଅଲମୀରାରେ ଥିବା ସୁନା ଗହଣା, ରୁପା ସାମଗ୍ରୀ ଓ ନଗଦ ୧୨ ହଜାର ଟଙ୍କା ଚୋରିକରି ନେଇ ଯାଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୪୨/୨୦ରେଏକମାମଲା ରୁଜୁକରିଥିଲା।

## ଅର୍ଥନୀତି ବିଭାଗର ଆଲୋଚନା ଚକ୍ର



ଆଲୋଚନା ଚକ୍ରରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର ।

ବ୍ରହ୍ମପୁର ଅଫିସ,୨୨।୨

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ ଅନ୍ତର୍ଜାତିକ ଆଲୋଚନା ଚକ୍ର ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମେ ପିଜି କାଉନ୍‌ସିଲ ଅଧ୍ୟକ୍ଷା ପ୍ରଫେସର ଅରୁନ୍ଧତୀ ରଥ ପରିଚୟ ପ୍ରଦାନ କରିବା ସହିତ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଥିବା ଦିଲ୍ଲୀ ସ୍କୁଲ ଅଫ୍ ଇକୋନୋମିକ୍ସ ତଥା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ସଭ୍ୟ ପ୍ରଫେସର ପୁଲିନ୍.ବି. ନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ପରିବେଶ ବିନା ଅଗ୍ରଗତି ଅସମ୍ଭବ, ଭଲ ପରିବେଶ ମାଧ୍ୟମରେ ଆମ ଅର୍ଥନୀତି ଅଗ୍ରଗତି ହେବା ସହ ସାଧାରଣ ଜନତାଙ୍କର ଅର୍ଥନୈତିକ ମାନଦଣ୍ଡ ସୁଦୃଢ଼ ହୋଇପାରିବ। ଆମ ଚତୁଃପାର୍ଶ୍ୱକୁ ଘେରି ରହିଥିବା ପରିବେଶ ଦିନକୁ ଦିନ ଦୂଷିତ ହେବାରେ ଲାଗିଛି । ଏହା ଆମ ଭବିଷ୍ୟତ ପିଢି ପାଇଁ ଶୁଭଙ୍କର ନୁହେଁ। ପରିବେଶ ଦୂଷିତ ହେବାରୁ ଏହା କିପରି ରକ୍ଷା କରାଯାଇପାରିବ ସେ ଉପରେ ଚିନ୍ତା କରିବା ଆବଶ୍ୟକ । କରୋନା ଭାଇରସ୍ ଚୀନ୍‌କୁ ଗ୍ରାସ କରିବା ପରେ ଏହାର ପ୍ରଭାବ ଅନ୍ତର୍ଜାତିକ ଅର୍ଥନୀତି ଉପରେ ପଡିଛି । ଯାହା ଦ୍ୱାରା ଚାଇନା ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି । ଏହା ସହ ଏବେ ମଧ୍ୟ ସାରା ବିଶ୍ୱ ମାନ୍ଦାବସ୍ଥାରୁ ମୁକୁଳି ପାରିନାହିଁ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ କିଟ୍ ବିଶ୍ୱବିଦ୍ୟାଳୟ ପ୍ରୋଭାଇସ୍ ଚାନସେଲର ପ୍ରଫେସର ସସ୍ମିତା ସାମନ୍ତ, ସାମ୍ମାନିତ ଅତିଥି ଭାବେ ଟାଟା ସିଏସ୍‌ଆର ମୁଖ୍ୟ ଅମ୍ବିକା ପ୍ରସାଦ ନନ୍ଦ ଯୋଗ ଦେଇଥିଲେ। ଆଲୋଚନା ଚକ୍ର ସଭାପତି କୁଳପତି ପ୍ରଫେସର ଗୋବିନ୍ଦ.ଜେ ଚକ୍ରପାଣି ମତାମତ ଦେଇଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଅର୍ଥନୀତି ବିଭାଗ ପ୍ରଫେସର ସନ୍ଧ୍ୟାରାଣୀ ଦାସ । ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚିତ ହୋଇଥିଲା ।

# ଆଶାଜନକ ନୁହେଁ ଅଭିବୃଦ୍ଧି ହାର

ବ୍ରହ୍ମପୁର ଅଫିସ, ୨୨।୨

ରାଜ୍ୟରେ ଅର୍ଥନୀତିର ଅଭିବୃଦ୍ଧି ହାର ବିଗୁଡୁଛି। ରାଜ୍ୟରେ ଯେତିକି ଅର୍ଥନୈତିକ ଅଭିବୃଦ୍ଧି ହେବା କଥା ଚଳିତ ବର୍ଷ ସେତିକି ହୋଇନାହିଁ ବୋଲି ଗତ ୧୭ ତାରିଖରେ ବିଧାନସଭାରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସ୍ୱୀକାର କରିଛନ୍ତି। ଚଳିତ ବର୍ଷ ରାଜ୍ୟରେ ଅଭିବୃଦ୍ଧି ହାର ୨୦୧୯-୨୦ ରେ ୬ ପ୍ରତିଶତ ରହିବ ବୋଲି ଆକଳନ କରିଛନ୍ତି। ଯାହା ପୂର୍ବ ବର୍ଷ ଥିଲା (୨୦୧୮-୧୯) ୭.୯୦ ପ୍ରତିଶତ । ରାଜ୍ୟବାସୀଙ୍କ ପାଇଁ ଏବେ ଅର୍ଥମନ୍ତ୍ରୀଙ୍କ ଉପସ୍ଥାପିତ ଋଣଭାର ସମ୍ପର୍କିତ ରିପୋର୍ଟ ଚିନ୍ତା ବଢ଼ାଇଛି । ଏଥିରେ ସେ ଉଲ୍ଲେଖ କରିଛନ୍ତି, ବର୍ତ୍ତମାନ ମୁଣ୍ଡପିଛା ଋଣ ୧୮ ହଜାର ୪୯୭ ଟଙ୍କା । ଚଳିତ ଆର୍ଥିକ ବର୍ଷ ଅର୍ଥାତ ମାର୍ଚ୍ଚ ଶେଷ ସୁଦ୍ଧା ୧ ଲକ୍ଷ କୋଟି ଟଙ୍କା ଟପିଯିବ ବୋଲି ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି। ଏହାକୁ ନେଇ କ'ଣ ରହିଛି ରାଜନୀତିଜ୍ଞ ଓ ଅର୍ଥନୀତିଜ୍ଞଙ୍କ ମତ ।

**ସେମାନେ ଯାହା କୁହନ୍ତି**


“ଚଳିତ ବଜେଟରେ ରାଜ୍ୟ ସରକାରଙ୍କର ବେକାରି ଦୂରୀକରଣ, ଦାରିଦ୍ର୍ୟ, ଖାଲି ପଡ଼ିଥିବା ପଦବୀ ଉପରେ କୌଣସି ଉଲ୍ଲେଖ ନାହିଁ । ଯଦି ଦାରିଦ୍ର୍ୟ ଦୂରୀକରଣ ଠାରୁ ଆରମ୍ଭ କରି ଖାଲି ପଡ଼ିଥିବା ପଦବୀ ସମ୍ପର୍କରେ କିଛି ଥାଆନ୍ତା ତାହେଲେସାଧାରଣଜନତାଏହାଦ୍ୱାରାଉପକୃତହୋଇ ପାରିଥାନ୍ତେ । ସାରା ବିଶ୍ୱରେ ଚାଲିଥିବା ମାନ୍ଦାବସ୍ଥାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିଥିବା ଦେଖିବାକୁ ମିଳୁଛି।

**–ଅଳି କିଶୋର ପଟ୍ଟନାୟକ, ସିପିଆଇ ନେତା**


“ସରକାରଙ୍କ ଯେଉଁ ବଜେଟ ଆସିଛି ଏଥିରେ କୌଣସି ନୂତନତ୍ୱ ନାହିଁ । ଏହି ସରକାର ହେଉଛି ଘୋଷଣା ସର୍ବସ୍ୱ ସରକାର। ଯଦି ଗତ ବଜେଟକୁ ମୂଲ୍ୟାୟନ କରିଥାନ୍ତେ ତା ହେଲେ ଜାଣି ପାରିଥାନ୍ତେ କେତେ ଯୋଜନା ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିଛି । ଏହି ସରକାରଙ୍କ ପାଖରେ ସାଧାରଣ କର୍ମଚାରୀଙ୍କୁ ଦରମା ଦେବାକୁ ପଇସା ନାହିଁ । ରାଜ୍ୟ ସରକାର ଦରମା, ପେନସନ ଓ ଅନ୍ୟାନ୍ୟ ବାବଦକୁ ମାସକୁ ୬୫ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ସରକାର ନିଜର ଲକ୍ଷ୍ୟ ସାଧନ କରିବା ପାଇଁ କେନ୍ଦ୍ରୀୟ ଯୋଜନାଗୁଡ଼ିକୁ ହାଇଜାକ୍ କରୁଛନ୍ତି ।

**–ବିଭୂତି ଜେନା,ଭାଜପା ଜିଲା ସଭାପତି**


“ବର୍ତ୍ତମାନ ଅର୍ଥନୀତିରେ ମାନ୍ଦାବସ୍ଥା ଦେଖାଯାଇଛି । ଏହାର ପ୍ରଭାବ ସାରା ବିଶ୍ୱରେ ପଡ଼ିଥିବା ବେଳେ ବେଳେବେଳେ ଅର୍ଥନୀତିରେ କୁପ୍ରଭାବ ପଡୁଛି । ରାଜ୍ୟ ସରକାର ଆୟ ତୁଳନାରେ ବ୍ୟୟ ଅଧିକ କରୁଥିବା ଯୋଗୁ ରାଜ୍ୟର ଋଣଭାର ଦିନକୁଦିନ ବୃଦ୍ଧି ହେବାରେ ଲାଗିଛି। ଯଦି ସରକାର ଗରିବ ଏବଂ ଧନୀ ଶ୍ରେଣୀର ଲୋକଙ୍କ ମଧ୍ୟରେ ସମାନତା ଆଣିପାରନ୍ତେ ତା ହେଲେ ଏଥିରୁ ସୁବିଧା ମିଳିପାରନ୍ତା । ଅନ୍ୟ ପଟେ ଟ୍ୟାକ୍ସ ବ୍ୟବସ୍ଥାକୁ ସରଳୀକରଣ କରିବା ସହ ଧନୀ ଶ୍ରେଣୀ ଲୋକମାନଙ୍କ ଉପରେ ଯଦି ଚାପ ହ୍ରାସ ହୋଇପାରନ୍ତା ତା ହେଲେ ଏଥିରୁ କିଛି ଅଂଶରେ ସୁଫଳ ମିଳନ୍ତା ।

**– ସନ୍ଧ୍ୟାରାଣୀ ଦାଶ, ଅର୍ଥନୀତିଜ୍ଞ**


“ଚଳିତବର୍ଷ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଯାହା ପ୍ରକାଶ ପାଇଛି ତାହା ଚିନ୍ତାର ବିଷୟ । ଯଦି ଗୋଟିଏ ଶିଶୁ କାଲି ଜନ୍ମ ହେଉଛି ତା ଉପରେ ଋଣ ଭାର ପ୍ରାୟ ୧୯ହଜାର ଟଙ୍କା। ଫଳରେ ଆୟଠାରୁ ଖର୍ଚ୍ଚ ଅଧିକ । ମୁଖ୍ୟତଃ ଖର୍ଚ୍ଚ ଦୁଇ ପ୍ରକାରର । ଗୋଟିଏ ଡ଼େଭଲପମେଣ୍ଟ ଅନ୍ୟଟି ଅନ୍‌ଡ଼େଭଲପମେଣ୍ଟ । ଯଦି ଅନ୍‌ଡ଼େଭଲପମେଣ୍ଟ ଖର୍ଚ୍ଚ ଉପରେ ଅଙ୍କୁଶ ଲାଗିପାରନ୍ତା ତା ହେଲେ କିଛି ସୁଫଳ ମିଳିପାରନ୍ତା ।

**– ଭଗବାନ ରଥ, ଅର୍ଥନୀତି ଛାତ୍ର**


“ରାଜ୍ୟରେ ଅନେକ ଲୋକାଭିମୁଖୀ ଯୋଜନା କରିବାକୁ ହେଲେ ଋଣ ନିହାତି ଦରକାର । ଏହା ଦ୍ୱାରା ସରକାର ଘୋଷଣା କରୁଥିବାରୁ ଅନେକ ଜନକଲ୍ୟାଣକାରୀ ଯୋଜନା ସାଧାରଣ ଜନତାଙ୍କ ନିକଟରେ ପହଞ୍ଚିଥାଏ । ଯଦି ସରକାର ଋଣ ପରେ ଋଣ କରିଚାଲିବେ ତେବେ ଅର୍ଥନୀତି ଦେବାଳିଆ ହୋଇଥାଏ ।

**–ପ୍ରହ୍ଲାଦ ନାହାକ, ଅର୍ଥନୀତି ଛାତ୍ର**


“ପ୍ରଥମେ ଆମେ ଋଣ କଣ ପାଇଁ କରୁ ? କାରଣ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ହେଲେ ପୁଞ୍ଜି ଦରକାର । ଆମ ପାଖରେ ସେତିକି ପୁଞ୍ଜି ନାହିଁ ଯେ ଆମେ ଜନସାଧାରଣଙ୍କର ମୁଣ୍ଡ ପିଛା ଆୟ ବୃଦ୍ଧି କରିପାରିବା । ଋଣ ହେବା ଦ୍ୱାରା ସରକାର ଯୋଜନାଗୁଡ଼ିକୁ ରୂପାୟନ କରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ଥାଏ। ଏହା ଦ୍ୱାରା ସେମାନଙ୍କର ଜୀବନ ଧାରଣ ମାନରେ କେତେକ ପରିବର୍ତ୍ତନ ହୋଇଥାଏ ।

**–ଏ.ଶିବାନୀ ରେଡ୍ଡୀ, ଅର୍ଥନୀତି ଛାତ୍ରୀ**


“ଚଳିତ ବଜେଟ ହେଉଛି ଦିଗହରା । ସାଧାରଣ ଲୋକଙ୍କ ପାଇଁ କିଛି ନାହିଁ । ଏହା କେବଳ ପ୍ରଚାର ସର୍ବସ୍ୱ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଜେଡ଼ି ୧୯୯୯ରେ ଯେତେବେଳେ ସରକାରକୁ ଆସିଲା ସେତେବେଳେ ରାଜ୍ୟର ଋଣଭାର ୧୮ହଜାର କୋଟି ଟଙ୍କା ବର୍ତ୍ତମାନ ଏହା ୧ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି ।

**–ପୀତବାସ ପଣ୍ଡା, ଗଞ୍ଜାମ ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି**


“ଚଳିତ ବର୍ଷକୁ ଛାଡ଼ି ଦେଲେ ପୂର୍ବ ବର୍ଷଗୁଡିକରେ ରାଜ୍ୟର ଜିଡ଼ିପି ହାର ବଢ଼ି ଆସୁଥିବା ଦାବି କରିଛନ୍ତି ରାଜ୍ୟ ସରକାର । କିନ୍ତୁ ଅଭିବୃଦ୍ଧି ତୁଳନାରେ ଋଣଭାର ବୃଦ୍ଧି ପାଇବା ସରକାରଙ୍କ ଅର୍ଥନୈତିକ ବିଫଳତାକୁ ପ୍ରମାଣିତ କରୁଛି ବୋଲି ଜଣାପଡୁଛି । ୨୦୧୯ ଡ଼ିସେମ୍ବର ସୁଦ୍ଧା ରାଜ୍ୟର ମୋଟ ଋଣଭାର ୮୪ ହଜାର ୬ଶହ ୭୬ କୋଟି ଟଙ୍କା ଥିବାବେଳେ ଯାହାର ବର୍ତ୍ତମାନ ମୁଣ୍ଡ ପିଛା ୧୮ ହଜାର ୪୯୮ ଟଙ୍କା ଋଣ ଭାର ପଡ଼ିଛି ।

**– ଭାଲଚନ୍ଦ୍ର ଷଡ଼ଙ୍ଗୀ, ବୁଦ୍ଧିଜୀବୀ**

## ସଂକ୍ଷେପରେ

### ମା' ରାମାୟ୍ୟାଣାମ୍ମା ଯାତ୍ରା ପରିଚାଳନା କମିଟି ଗଠିତ

**ଛତ୍ରପୁର,୨୨।୨(ଡି.ଏନ.ଏ)**-ଛତ୍ରପୁରର ଆରାଧ୍ୟା ମା' ରାମାୟ୍ୟାଣାମ୍ମା ଠାକୁରାଣୀ ଯାତ୍ରା ପ୍ରତି ଦୁଇ ବର୍ଷରେ ଥରେ ମାସେ ବ୍ୟାପୀ ଅନୁଷ୍ଠିତ ହୁଏ। ଚଳିତ ବର୍ଷ ଏହି ଯାତ୍ରା ହେବାକୁ ଥିବା ବେଳେ ଏହାକୁ ମହାଆଡମ୍ବରରେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ସୁରୁଖୁରୁରେ ଯାତ୍ରା ପରିଚାଳନା କରିବା ପାଇଁ ମା'ଙ୍କ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ବସି କମିଟି ଗଠନ କରାଯାଇଛି। ଯାତ୍ରା କମିଟିର ମ୍ୟାନେଜର ଭାବେ କେ. ଚନ୍ଦ୍ରଶେଖର ରେଡ୍ଡୀଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିପରି ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ସମରେନ୍ଦ୍ର ସେନାପତି ଏବଂ ଅନ୍ୟାନ୍ୟ କମିଟି ସଭ୍ୟ ଚୟନ କରାଯାଇଛି । ମନ୍ଦିର କମିଟିର ସଭାପତି ଭି. ତ୍ରିନାଥ ରାଓଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାଧାରଣ ସମ୍ପାଦକ ବି. ଶ୍ରୀନିବାସ, ଟି.ଚନ୍ଦ୍ରଶେଖର ରାଓ, ଅହିଭୂଷଣ ସାହୁ, ସି.ଏଚ୍. ପୂର୍ଣ୍ଣ କୁମାର, ଏସ୍. ଦାଲେୟା ରେଡ୍ଡୀ, ସି.ଏଚ୍. ଦୟାନନ୍ଦ ରେଡ୍ଡୀ, ଚିଙ୍କାରା ବେହେରା, ରମେଶ ଚନ୍ଦ୍ର ଛାଟେଇ, ବାଦଲ କୁମାର ପାଣ୍ଡି, ଏସ୍. ଶ୍ରୀନିବାସ ରେଡ୍ଡୀ, ରବୀନ୍ଦ୍ର କୁମାର ସାହୁ, ଡମ୍ବରୁ ସାହୁ, ଟି.କ୍ରିଷ୍ଣା ରେଡ୍ଡୀଙ୍କ ସମେତ ଛତ୍ରପୁରର ବହୁ ଜନସାଧାରଣ ଉପସ୍ଥିତ ଥିଲେ।

### ୨ରୁ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଛତ୍ରପୁର,୨୨।୨(ଡି.ଏନ.ଏ)**-ଛତ୍ରପୁର ବ୍ଲକ ରାଜନାପଲ୍ଲୀ ଗ୍ରାମରେ ରାଧାକୃଷ୍ଣଙ୍କ ନୂତନ ମନ୍ଦିର ଓ ପ୍ରାସାଦ ପ୍ରତିଷ୍ଠା ଆସନ୍ତା ୨ ତାରିଖରୁ ଆରମ୍ଭ ହେବ । କର୍ମକାଣ୍ଡ ଭୂଷଣ ପ୍ରଚାରକ ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀ ଶର୍ମାଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହେବ। ଏଥିସହ ଚବିଶି ପ୍ରହର ନାମଯଜ୍ଞ, ଅନ୍ନଯଜ୍ଞ, ଘୃତଯଜ୍ଞ, ଦୀପଯଜ୍ଞ, ଜ୍ଞାନଯଜ୍ଞ ଆଦି ପଞ୍ଚମହାଯଜ୍ଞ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

**ରାମଗିରି,୨୨।୨(ଡି.ଏନ.ଏ.)**- ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତସ୍ଥିତ ମହେନ୍ଦ୍ରଗିରି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି। ଅଧକ୍ଷା ପ୍ରିୟଦର୍ଶିନୀ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ। ଆୟୋଜିତ ଏକ ସଭାରେ ସଭାପତିତ୍ୱ କରି ବର୍ତ୍ତମାନ ସମୟରେ ଛାତ୍ରୀମାନେ ଆମସୁରକ୍ଷା କୌଶଳ ଶିଖିବା ଜରୁରୀ ହୋଇପଡ଼ିଛି ବୋଲି କହିଥିଲେ। ଶିବିରକୁ ଅଧାପିକା ସୌଦାମିନୀ ମହାରଣା ପରିଚାଳନା କରିଥିଲେ। ମାଷ୍ଟର ଟ୍ରେନର ରିନା କାର୍ଜୀ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ୧୨ ଦିନ ଧରି ଶିବିର ଚାଲିବ। ମୋଟ ୧୧୫ ଛାତ୍ରୀ ତାଲିମ ନେଉଛନ୍ତି।

### ଅଭିଭାବକ ସମ୍ମିଳନୀ

**କବିସୂର୍ଯ୍ୟନଗର,୨୨।୨**-କବିସୂର୍ଯ୍ୟନଗର ମେରୁବନ୍ଧ ସାହି ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିଇଓ ନିରଞ୍ଜନ ସାହୁ ମୁଖ୍ୟଅତିଥି, କ୍ରାନ୍ତିକାରୀ ନେତା ପ୍ରମୋଦ ଚନ୍ଦ୍ର ଦାସ ମୁଖ୍ୟବକ୍ତା, ସିଆରସିସି ସୁଶାନ୍ତ ବେହେରା, ପ୍ରସନ୍ନ କୁମାର ତ୍ରିପାଠୀ, ଧବଳେଶ୍ୱର ସାହୁ, ବିଦେଶୀ ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମାଗଣାରେ ମା'ଙ୍କୁ ଦର୍ଶନ କରିବେ ଭକ୍ତ

## ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଲାଗି ଜିଲାପାଳଙ୍କ ସମୀକ୍ଷା

**ପୁରୁଷୋତ୍ତମପୁର,୨୨।୨(ଡି.ଏନ.ଏ.)**

ଗଞ୍ଜାମର ପ୍ରସିଦ୍ଧ ଇଷ୍ଟ ଦେବୀ ମା'ତାରାତାରିଣୀଙ୍କ ଚୈତ୍ର ଯାତ୍ରା ଆସନ୍ତା ମାର୍ଚ୍ଚ ମାସ ୧୦ ତାରିଖଠାରୁ ହେବ। ଏହାର ସୁପରିଚାଳନା ଲାଗି ଶନିବାର ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ତାରା ତାରିଣୀଙ୍କ ପୀଠକୁ ଆସି ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନେଇ ସମୀକ୍ଷା କରିଥିଲେ। ଯାତ୍ରା ସମୟରେ ଭକ୍ତମାନେ ଏଣିକି ମାଗଣାରେ ଦର୍ଶନ କରିବେ ବୋଲି ଜିଲାପାଳ ପଦକ୍ଷେପ ନେଇଛନ୍ତି। ଦୀର୍ଘଦିନରୁ ଦର୍ଶନ ବାବଦରେ ଟିକେଟ ଦୁଇ ଟଙ୍କା ମାତ୍ର ରହିଥିବା ବେଳେ ଚଳିତବର୍ଷ ଆଉ ଦେବାକୁ ପଡିବ ନାହିଁ। ମାତ୍ର ସ୍ୱତନ୍ତ୍ର ଦର୍ଶନ ବାବଦରେ ୫୦ ଟଙ୍କା ବଦଳରେ ୧୦୦ ଟଙ୍କା ଲେଖାଏ କରିବା ଲାଗି ନିଷ୍ପତ୍ତି ନିଆଯାଇଛି।

ଦୂର ଦୂରାନ୍ତରୁ ଶିଶୁଙ୍କୁ ନେଇ ଆସୁଥିବା ଭକ୍ତଙ୍କ ସୁବିଧା ଦୃଷ୍ଟିରୁ ଏହି ସ୍ୱତନ୍ତ୍ର ଟିକେଟ ଛତ୍ରପୁର ଓ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅଗ୍ରିମ ବିକ୍ରି ଲାଗି ବ୍ୟବସ୍ଥାର ଲକ୍ଷ୍ୟ ରଖାଯାଇଛି। ଏହା ଆଗାମୀ ବୈଠକରେ ଜଣାଇ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ଜାଗା ସଂକ୍ଷୀର୍ଣ୍ଣ ଥିବାରୁ ଶିଶୁଙ୍କ ମୁଣ୍ଡନ କାର୍ଯ୍ୟ ଚଳିତ ଯାତ୍ରାରେ ପାହାଡ ଉପର ବଦଳରେ ତଳେ କରାଯିବ। ଶିଶୁମାନେ ଯାତ୍ରାରେ ହଜିଯାଉଥିବାରୁ ସେମାନଙ୍କ ପକେଟରେ କିମ୍ବା ବେକରେ ଶିଶୁଙ୍କ ନାମ ସହିତ ମାତା ପିତାଙ୍କ ନାଁ ଓ ଠିକଣାର ଲଗାଯିବ, ମୋବାଇଲ ଟଏଲଟର ବ୍ୟବସ୍ଥା କରିବା, ଭକ୍ତମାନେ ସୁରକ୍ଷିତ ଭାବେ ମା'ଙ୍କ ଦର୍ଶନ ଲାଗି ଧାଡି ବାନ୍ଧି ଯିବାର ବ୍ୟବସ୍ଥା କରିବା, ଖରାରୁ ରକ୍ଷା ଲାଗି ଟେଣ୍ଟ ପକାଇବା, ପାନୀୟ ଜଳ ଯୋଗାଣର ବ୍ୟବସ୍ଥା ଆଦି କରିବା ପାଇଁ ବିଭିନ୍ନ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ, ଏସ୍‌ଡିପିଓ ସୀମା ସ୍ୱାଇଁ, ବିଡିଓ ସୀମାଞ୍ଚଳ ମହାନ୍ତି, ଆଇଆଇସି ଜଗନ୍ନାଥ ମଲ୍ଲିକ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପାଣିଗ୍ରାହୀ, ଗ୍ରାମ୍ୟ ଜଳଯୋଗାଣ ସହକାରୀ ଯନ୍ତ୍ରୀ ତୁଷାରକାନ୍ତ ସାହୁ, ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ ରେଙ୍ଗୀ, ମନ୍ଦିର ଉନ୍ନୟନ ପରିଷଦର ସମ୍ପାଦକ ପ୍ରମୋଦ କୁମାର ପଣ୍ଡା, ପୁରୁଷୋତ୍ତମପୁର ଏନଏସି କାର୍ଯ୍ୟ ନିର୍ବାହୀ ଏ ନାଗେଶ୍ୱର ରାଓ, ସେବାୟତ ସଂଘର ସଭାପତି ତପନ କୁମାର ରଣା, ପୂଜକ ବାପୁଜୀ ରଣା ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ଗିରଫ ହେଲେ ହିତାଧିକାରୀ

## ରାଶନକାର୍ଡ଼ ତାଲିକାରେ ନାଁ ନାହିଁ

**ଭଞ୍ଜନଗର,୨୨।୨(ଡି.ଏନ.ଏ.)**

ଏବେବି ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାମ ରାଶନକାର୍ଡ଼ ତାଲିକାରେ ନାହିଁ। ନିକଟରେ ନାମ ସଂଯୋଗ ନେଇ ମଧ୍ୟ ସରକାରଙ୍କର କୌଣସି ବ୍ୟବସ୍ଥା ନାହିଁ। ତେଣୁ ରାଶନକାର୍ଡ଼ରୁ ବଞ୍ଚିତ ଅନେକ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଛି। ଏଭଳି ପରିସ୍ଥିତିରେ ଜଗନ୍ନାଥପ୍ରସାଦ ବ୍ଲକ ପ୍ରତାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ତାଲିକାରୁ ବାଦ୍ ପଡ଼ିଥିବା ଜଣେ ବ୍ୟକ୍ତି ତାଲା ପକାଇ ଦେଇଥିଲେ। ଫଳରେ ୨ ଘଣ୍ଟା ପର୍ଯ୍ୟନ୍ତ ରାଶନସାମଗ୍ରୀ ବଣ୍ଟନ ବନ୍ଦ ହୋଇଯାଇଥିଲା। ଏହାପରେ ଯୋଗାଣ ସହାୟକ ସୁଶାନ୍ତ କୁମାର ଗୌଡ଼ଙ୍କ ସୂଚନା ପ୍ରକାରେ ତାରସିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ମୁକୁନ୍ଦ ନାୟକଙ୍କୁ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଅଭିଯୋଗରେ ଗିରଫ କରିଥିଲା। ଏନେଇ ନଂ.୩୪।୨୦ରେ ଏକ ମାମଲା ରୁଜୁହୋଇଛି। ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

# ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ ।

**ଛତ୍ରପୁର,୨୨।୨(ଡି.ଏନ.ଏ)**

ଛତ୍ରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଗୁରୁବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡିଓ ଅମ୍ବିକା ପ୍ରସାଦ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ଶିବିର ଉଦଘାଟନ କରିଥିଲେ । ଦିବ୍ୟାଙ୍ଗଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ଏହି ଯୋଜନା ସହ ଅନ୍ୟ ଯୋଜନା ଉପରେ ବିଧାୟକ ଆଲୋଚନା କରିଥିଲେ। ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କ ନାମ ପଞ୍ଜୀକୃତ କରାଯାଇଥିଲା। ଶ୍ରବଣ, ଦୃଷ୍ଟିବାଧିତ ଓ ମାନସିକ ଅଗ୍ରସରମାନେ ଏଥିରେ ଯୋଗଦେଇଥିଲେ। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ଏମ୍.ଧନଞ୍ଜୟ ରେଡ୍ଡୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଭ୍ରାଂଶୁ କୁମାର ମହାରଣା, ଛତ୍ରପୁର ଉପଖଣ୍ଡ ସାମାଜିକ ଅଧିକାରୀ ପଞ୍ଚାନନ ପଣ୍ଡା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜେନ୍ଦ୍ର କୁମାର ମଲ୍ଲିକ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ପଙ୍କଜ କୁମାର ଦାସ, ଓଡିଶା ଜିବିକା ମିଶନର ବ୍ଲକ ସଂଯୋଜିକା ମାନିନୀ ଜେନା, ବ୍ଲକ ଗୋଷ୍ଠୀ ସମ୍ବଳ ଶିକ୍ଷକ ଅଶ୍ୱିନୀ ପାଇକରାୟଙ୍କ ସମେତ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।

# ଶିବଶକ୍ତି ଭଲିବଲ ଟୁର୍ଣ୍ଣାମେଣ୍ଟ, ଗୁମ୍ମା ଚାମ୍ପିୟନ

**ଭଞ୍ଜନଗର,୨୨।୨(ଡି.ଏନ୍.ଏ.)**

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ୪ଦିନ ଧରି ଚାଲିଥିବା ଶିବଶକ୍ତି ଭଲିବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ଗଜପତି ଜିଲା ଗୁମ୍ମା ସହ ଗଜପତି ଜିଲା ପାଣିଗଣ୍ଡା ଦଳ ମଧ୍ୟରେ ହୋଇଥିଲା। ଏଥିରେ ଗୁମ୍ମା ୩-୧ ସେଟ୍‌ରେ ବିଜୟୀ ହୋଇଥିଲା। ଚାମ୍ପିୟନ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ଏବଂ ରନର୍ସଅପକୁ ଟ୍ରଫି ସହ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ହୁମ୍ମାର ବାଦଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବାବେଳେ ମ୍ୟାନ୍ ଅଫ୍ ଦି ସିରିଜ୍ ଭଞ୍ଜନଗର ରୟାଲ କ୍ଲବର ଜହଲା ହୋଇଥିଲେ। ପାଣିଗଣ୍ଡାର ପାର୍ଥ ଶ୍ରେଷ୍ଠ ନେଟ୍ ଖେଳାଳି, ଗୁମ୍ମାର ନକ୍ସଲ ଶ୍ରେଷ୍ଠ ହିଟର ହୋଇଥିଲେ। ରେଫରି ଶରତ କୁମାର ନାୟକ ଥିବାବେଳେ ପୂର୍ଣ୍ଣଚନ୍ଦ୍ର ନାହାକ, ଅନୁପ କୁମାର ପରିଡା, ରାଜୁ ନାୟକ ଲାଇନ୍ସମ୍ୟାନ୍ ଥିଲେ। ଏହି ଅବସରରେ ଶ୍ରେଷ୍ଠ କମିଟି ସଭ୍ୟ ଭାବେ ବୁଲୁ ସ୍ୱାଇଁ ଓ ମିଥୁନ ବିଷୋୟୀ ଏବଂ ଶ୍ରେଷ୍ଠ ଦର୍ଶକ ଭାବେ ସୁବାସ ଚନ୍ଦ୍ର ନାୟକ ଓ ଉତ୍ସବ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ସଭାପତି ଅଭିମନ୍ୟୁ ବିଷୋୟୀ, ସଙ୍ଗଠକ ଚିଦାନନ୍ଦ ସ୍ୱାଇଁ, ଉପ ସଭାପତି ବୃନ୍ଦାବନ ପୋଲେଇ, ସମ୍ପାଦକ ବସନ୍ତ କୁମାର ବିଷୋୟୀ, ସହ ସମ୍ପାଦକ ପ୍ରଭାତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଅଜିତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ବୁଲୁ ସ୍ୱାଇଁ, ରାଜେନ୍ଦ୍ର ସାହୁ, ଲିଙ୍କନ ବିଷୋୟୀ, ହାଡୁବନ୍ଧୁ ଜେନା, ପ୍ରୀତମ ବିଷୋୟୀ, କାଳିଆକାହ୍ନୁ ସ୍ୱାଇଁ, ସୁଦର୍ଶନ ସ୍ୱାଇଁ, କେଦାର ମଲିକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।




ଦୁଇ ଦଳର ଖେଳାଳି।

# ରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ବୁଗୁଡ଼ା,୨୨।୨(ଡି.ଏନ.ଏ.)**

ବୁଗୁଡ଼ା ସହର ତଳ ଓଡ଼ିଆ ସାହିରେ ଗତ ୯ ଦିନ ଧରି ଚାଲିଥିବା ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଉଦ୍‌ଯାପିତ ହୋଇଛି। ଗତ ୯ ଦି ଧରି ହୋମଯଜ୍ଞ, ସୂର୍ଯ୍ୟପୂଜା, ରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଚାଲିଥିଲା। କର୍ତ୍ତା ରୂପେ କୈଳାସ ଚନ୍ଦ୍ର ପ୍ରଧାନ ଦାୟିତ୍ୱ ତୁଲାଇଥିବା ବେଳେ ବ୍ୟାସ ଲୋକାନାଥ ମିଶ୍ର ଓ ଯଜ୍ଞାଚାର୍ଯ୍ୟ ଶିଶିର କୁମାର ମିଶ୍ର ହୋମକାର୍ଯ୍ୟ ସମ୍ପାଦନ କରିଥିଲେ। ପ୍ରତ୍ୟେକ ସନ୍ଧ୍ୟାରେ ମଥୁରା ଶ୍ରୀଜଗନ୍ନାଥ ସ୍ୱାମୀ ଗୋପିନାଥ ପୀଠର ସେବକ ସୁନ୍ଦରରାମ ଦାସଜୀ ମହାରାଜ ପ୍ରବଚନ ଦେଉଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କମିଟିର ସଭାପତି କାମରାଜୁ ବାଡ଼ତ୍ୟା, ସମ୍ପାଦକ ଖଦାଳ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।

# ସାନତୁଳସିପଲ୍ଲୀରେ ନାମଯଜ୍ଞ

**ଭଞ୍ଜନଗର,୨୨।୨(ଡି.ଏନ.ଏ.)**

ଭଞ୍ଜନଗର ବ୍ଲକ ସାନତୁଳସିପଲ୍ଲୀ (ବାରୁଡ଼ା)ରେ ଶୁକ୍ରଠାରୁ ୩୨ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏହା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଅଖଣ୍ଡ ନାମଯଜ୍ଞ, ଘୃତଯଜ୍ଞ, ଅନ୍ନଯଜ୍ଞ, ଜ୍ଞାନଯଜ୍ଞ ଓ ଗୋଯଜ୍ଞ ବିଭିନ୍ନ ଦିବସରେ ହେବ। ଦଧିବାମନ ମହାରାଜ ପ୍ରବଚନ ଦେଉଥିବାବେଳେ ସନ୍ତୋଷ କୁମାର ମିଶ୍ର, ସୁରେନ୍ଦ୍ର ମିଶ୍ର ଯଜ୍ଞରେ ପୌରହିତ କରୁଛନ୍ତି। ବାରଦଣ୍ଡା, ମଶାବାଡ଼ି, କରଡ଼ାବଣି, ମହାଗୁଡ଼ା, ଝାଡ଼ସାହି ଓ ସାନତୁଳସିପଲ୍ଲୀ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଭାଗ ନେଇଛି। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରୁଛନ୍ତି। ସେହିଭଳି ଭଞ୍ଜନଗର ରଘୁନାଥ ବିହାରରେ ମଧ୍ୟ ଅଷ୍ଟ ପ୍ରହର ନାମଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଛି। ସାହିବାସିନ୍ଦାଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ହୋଇଥିଲା।



ନାମ ସଂକୀର୍ତ୍ତନ ଚାଲିଛି।

# ଆମ ପୋଲିସ ସମିତି ବୈଠକ, ସ୍ୱାସ୍ଥ୍ୟ ଶିବିର

**ବୁଗୁଡ଼ା,୨୨।୨(ଡି.ଏନ.ଏ.)**

ବୁଗୁଡ଼ା ଥାନା ପକ୍ଷରୁ ତାକରଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ଆମ ପୋଲିସ ସମିତି ବୈଠକ ଓ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ଚିତ୍ତରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମାମି ସେନାପତି, ସରପଞ୍ଚ ଦମୟନ୍ତୀ ପ୍ରଧାନ, ଶିକ୍ଷକ ରାଜେନ୍ଦ୍ର ଜେନା, ମୁକୁନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଗୁଣିଗାରେଡ଼ି, ଟ୍ରାଫିକ ନିୟନ୍ତ୍ରଣ, ସାଇବର ଠକେଇ ଆଦି ସମ୍ପର୍କିତ ସଚେତନତା ନେଇ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଶିବିରରେ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପରୀକ୍ଷା କରାଯାଇ ମାଗଣାରେ ଔଷଧ ବଣ୍ଟାଯାଇଥିଲା। ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରମାନେ ସହଯୋଗ କରିଥିଲେ। ସୁରେଶ ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଥାନା କର୍ମଚାରୀମାନେ ସହଯୋଗ କରିଥିଲେ।

# ସାଇବର ଅପରାଧ ଉପରେ ସଚେତନତା




ଲୋକଙ୍କୁ ସଚେତନ କରାଯାଉଛି।

**ଫୁଲବାଣୀ ଅଫିସ,୨୨।୨**

ଫୁଲବାଣୀ ଆଦର୍ଶ ଥାନା ପକ୍ଷରୁ ସାଇବର ଅପରାଧ ଉପରେ ଜନ ସଚେତନତା ସୃଷ୍ଟି କରାଯାଇଛି। ଲୋକେ କିଭଳି ଏହି ଅପରାଧ ଉପରେ ଅବଗତ ହେବେ ସେନେଇ ନାଚଗୀତ ମାଧ୍ୟମରେ ପୌର ପରିଷଦର ବିଭିନ୍ନ ସ୍ଥାନରେ ସଚେତନତା ସୃଷ୍ଟି କରାଯାଇଥିଲା। ବିଶେଷକରି ଏଟିଏମ୍‌ରେ ସାବଧାନତା, ମୋବାଇଲ୍ ଫୋନ୍ ବାବଦରେ ସୁରକ୍ଷିତ ପଦକ୍ଷେପ, ସୋସିଆଲ୍ ୱେବସାଇଟ୍‌ରେ କ'ଣ କରିବା ନ କରିବା ଉପରେ ସଚେତନ କରାଯାଇଛି। କ.ନୂଆଗାଁ ସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନ ଜନବିକାଶର ଜନଶକ୍ତି ସାଂସ୍କୃତିକ ଦଳର ଅରୁଣ ନାୟକ, ନରେଶ ରଣଜିତ୍, ସଦାନନ୍ଦ ପରାସେଠ୍, ମୀନାକ୍ଷୀ ନାୟକ, କୁମୁଦ ନାୟକ, ବିକ୍ରମ ନାୟକଙ୍କ ସମେତ ଅନ୍ୟ କଳାକାରମାନେ ନୃତ୍ୟଗୀତ ପରିବେଶଷ କରିଥିଲେ। ସଦର ଏସ୍‌ଡ଼ିପିଓ ମହେନ୍ଦ୍ର ନାଥ ମୁର୍ମୁ, ଥାନାଧିକାରୀ ନରେଶ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ

**ଆସିକା,୨୨।୨(ଡି.ଏନ୍.ଏ.)**– ଆସିକା ବସଷ୍ଟାଣ୍ଡସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତିଶକ୍ତି ଭବନ ପରିସରରେ ଶୁକ୍ରବାର ୮୪ତମ ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ପାଳିତ ହୋଇଥିଲା। ମୁଖ୍ୟଅତିଥି ରୂପେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଓ ସମ୍ମାନିତ ଅତିଥି ରୂପେ ବିଧାୟିକା ମଞ୍ଜୁଳା ସ୍ୱାଇଁ ଓ ବଣିକ ସଂଘ ସଭାପତି ରାମରଞ୍ଜନ ଶର୍ମା ଯୋଗଦେଇଥିଲେ। ଶାନ୍ତି ଶକ୍ତି ଭବନର ସଞ୍ଚାଳିକା ବ୍ରହ୍ମକୁମାରୀ ପ୍ରଭାତି ସମଗ୍ର ମାନବ ସମାଜ ଏକ ପିତାଙ୍କର ସନ୍ତାନ ବୋଲି କହିଥିଲେ। ଆଶ୍ରମ ପରିସରରେ ଶିବଧ୍ୱଜା ଉତ୍ତୋଳନ ସହ ୩ଶହରୁ ଉର୍ଦ୍ଧ୍ୱ ବ୍ରହ୍ମକୁମାରୀଙ୍କ ଏକ ଶାନ୍ତି ଶୋଭାଯାତ୍ରା ଆସିକା ସହର ପରିକ୍ରମା କରିଥିଲା।




ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

**କବିସୂର୍ଯ୍ୟନଗର,୨୨।୨**

କବିସୂର୍ଯ୍ୟନଗରର ବିଭିନ୍ନ ସାହି, ଗଳିକନ୍ଦିରେ ଫାଇଲିନ ପରଠୁ ସଜଡ଼ା ଯାଇନି ବିଦ୍ୟୁତ ଖୁଣ୍ଟ ଓ ତାର। ମେଡିକାଲ ରାସ୍ତା, ବିଦ୍ୟୁତ୍ ଅଫିସ ସାମ୍ନା, ବନମାଳୀ ମାର୍ଗ ଆଦି ସାହିରେ ୧୧ କେଭି ତାର ବିପଜ୍ଜନକ ଅବସ୍ଥାରେ ରହିଛି। ବନମାଳୀ ମାର୍ଗ ଅଞ୍ଚଳବାସୀ ଓ ମେଡିକାଲ ରୋଡ ଅଞ୍ଚଳବାସୀ ଏ ସମ୍ପର୍କରେ ବିଦ୍ୟୁତ୍ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସାମାନ୍ୟ ପବନରେ ତାରରେ ତାର ଲାଗି ନିଆଁ ଖସୁଛି। ଅନ୍ୟପକ୍ଷରେ ଛାତ ଉପର ଓ ପାର୍ଶ୍ୱ ଦେଇ ତାର ଟଣାଯାଇଛି। ଯାହାଫଳରେ ଯେ କୌଣସି ମୁହୂର୍ତ୍ତରେ ବିପଦ ଆଶଙ୍କା ରହିଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।



ଛାତ ଉପର ଓ ପାର୍ଶ୍ୱରେ ଓହଳି ଥିବା ବିଦ୍ୟୁତ୍ ତାର।

# ରଷିକୁଲ୍ୟା ପରିବା ଚାଷୀ ଉତ୍ପାଦକ କମ୍ପାନୀକୁ ଜମି ମିଳୁନି

## ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାର ୧.୭୨ କୋଟି ଅନୁଦାନ ପଡି ରହିଛି

**ସୋରଡା,୨୨।୨(ଡି.ଏନ.ଏ.)**

କୃଷିର ଉନ୍ନତି ପାଇଁ ସରକାର ଯୋଜନା ପରେ ଯୋଜନା କରିଚାଲିଛନ୍ତି। କୋଟି କୋଟି ଟଙ୍କାର ବଜେଟ ରଖାଯାଉଛି। ଚାଷ ଓ ଚାଷୀର ସାମୂହିକ ଉନ୍ନତି ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଚାର ପ୍ରସାର ଚଳାଇ ଆସୁଛନ୍ତି। କିନ୍ତୁ ଯୋଜନାର ସଫଳ ରୂପାୟନ ପାଇଁ ପ୍ରାଥମିକ ସ୍ତରରେ କେଉଁ ସମସ୍ୟା ରହୁଛି ତାହା ଉପରେ ପର୍ଯ୍ୟାଲୋଚନା, ସମୀକ୍ଷା, ପରିଦର୍ଶନ କରାଯାଉନାହିଁ। ଯାହାକି ବୃହତ୍ ଯୋଜନା ସବୁ କାଗଜ କଲମରେ କେବଳ ଚାଷ ହେଉଛି। ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଦ୍ୱାରା ପୂର୍ବତନ କୁଳପତି ଡ. ସୁରେନ୍ଦ୍ର ନାଥ ପଶୁପାଳକଙ୍କ ଉଦ୍ୟମରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନୁଯାୟୀ ସୋରଡା ବ୍ଲକରେ ରଷିକୂଲ୍ୟା ପରିବା ଚାଷୀ ଉତ୍ପାଦକ କମ୍ପାନୀ ଗଠନ କରାଗଲା। ପ୍ରାୟ ଏକ ବର୍ଷ ଧରି ବିଭିନ୍ନ କାଗଜପତ୍ର, ପରାମର୍ଶ, ଆଲୋଚନା ପରେ ବ୍ଲକ ଚାଷୀମାନଙ୍କ ସାମୂହିକ ବିକାଶକୁ ଦୃଷ୍ଟିରେ ରଖି କମ୍ପାନୀ ଆଇନ ଅନୁସାରେ ପଞ୍ଜୀକରଣ କରାଗଲା। ୧୪ ଜାନୁୟାରୀ ୨୦୧୯ରେ ଏହାର ପ୍ରତିଷ୍ଠା ହେଲା। ପ୍ରତିଷ୍ଠା ପୂର୍ବରୁ ଏଥିରେ ୨୦ ଖଣ୍ଡ ଗ୍ରାମର ଏକ ହଜାର ଚାଷୀଙ୍କୁ ସଭ୍ୟ ଭାବେ ପଞ୍ଜୀକରଣ କରାଯାଇଛି। ଏହି ଯୋଜନା ଦ୍ୱାରା ଓୟୁଏଟି ସହଯୋଗରେ ପ୍ରତିଷ୍ଠିତ ତଥା ଏହି କମ୍ପାନୀର ପରିଚାଳକ, କାର୍ଯ୍ୟାବଳୀ ଦାୟିତ୍ୱ ନ୍ୟସ୍ତ ଅଛି କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର ହାତରେ। କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସ୍ୱାଗତିକା ସାହୁ, କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ପ୍ରଶାନ୍ତ କୁମାର ପଣ୍ଡା, ଲଳିତ କୁମାର ମହାନ୍ତି, ବିଷ୍ଣୁପଦ ଗିରି, ସନ୍ତୋଷ କୁମାର ସାମନ୍ତରାୟ ପ୍ରମୁଖ ୫ କୃଷି ବୈଜ୍ଞାନିକ ଏଠାରେ ବିଭିନ୍ନ ସମୟରେ କୃଷି ଭିତ୍ତିକ ଶିବିର, ଚାଷୀମାନଙ୍କୁ ସଚେତନ, ମାଟିର ଉର୍ବରତା ଅନୁଯାୟୀ ବିହନ ବୁଣିବା, ଆଧୁନିକ ଯନ୍ତ୍ରପାତିର ବ୍ୟବହାର, ଜୈବିକ ସାରର ଲାଭ ଉପରେ ସଚେତନ କରିବା ପାଇଁ ଶିବିର ଆୟୋଜନ କରି ଆସୁଛନ୍ତି। ଏହାଛଡା ଏହି କମ୍ପାନୀ ତଥା ଯୋଜନାର ସଫଳତା ପାଇଁ ପ୍ରଥମ ଦଫାରେ କେନ୍ଦ୍ର ସରକାରଙ୍କ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଦ୍ୱାରା ରାଜ୍ୟ ସରକାରଙ୍କ ମାଧ୍ୟମରେ ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ ଜ୍ଞାତସାରରେ ଭଞ୍ଜନଗର କୃଷି ବିଜ୍ଞାନ କେନ୍ଦ୍ରକୁ ରଷିକୁଲ୍ୟା ପରିବା ଚାଷୀ ଉତ୍ପାଦକ କମ୍ପାନୀ ନାମରେ ୧କୋଟି ୭୨ ଲକ୍ଷ ୭୪ ହଜାର ଟଙ୍କା ୨ ବର୍ଷ ହେଲା ପଡିରହିଛି ବୋଲି କେନ୍ଦ୍ର ବୈଜ୍ଞାନିକ ସନ୍ତୋଷ କୁମାର ସାମନ୍ତରାୟ କହିଛନ୍ତି। ଆହୁରି କହିଛନ୍ତି ଉକ୍ତ ଅର୍ଥରୁ କମ୍ପାନୀ ପଞ୍ଜିକରଣ, ପ୍ରଶିକ୍ଷଣ ଶିବିର, ଚାଷୀ କ୍ଷେତ୍ର ପରିଦର୍ଶନ, କୃଷି ଯନ୍ତ୍ରପାତି କ୍ରୟ, ସ୍ପ୍ରେ ମେସିନ ବଣ୍ଟନ ବାବଦରେ କିଛି ପରିମାଣ କେବଳ ହୋଇଛି। ଏହି ଯୋଜନା ତଥା କମ୍ପାନୀ ପ୍ରତିଷ୍ଠାର ମୁଖ୍ୟ ଲକ୍ଷ୍ୟ ହେଲା ପେକ୍ ହାଉସ ନିର୍ମାଣ, ଚାଷୀ ଏକତ୍ରିକରଣ, ଚାଷୀମାନଙ୍କ ଉତ୍ପାଦିତ ଦ୍ରବ୍ୟର ବଜାରୀକରଣ, ପ୍ରଶିକ୍ଷଣ ଗୃହ ନିର୍ମାଣ, ଆଧୁନିକ ଜ୍ଞାନ କୌଶଳ ପ୍ରଦାନ ପାଇଁ ସରଞ୍ଜାମ କ୍ରୟ, କ୍ଷେତ୍ର ପ୍ରଦର୍ଶନ, ବିଭିନ୍ନ ପ୍ରକାର ଋତୁ ଅନୁଯାୟୀ, ମାଟି ଅନୁଯାୟୀ ଚାଷ ପ୍ରଣାଳୀ କୌଶଳ ଶିକ୍ଷା ପ୍ରଦାନ କରିବ ଏହି କମ୍ପାନୀ।

କିନ୍ତୁ ବାଧା ହେଲା ପ୍ରଥମେ ତାର ନିଜସ୍ୱ ଗୃହର ଆବଶ୍ୟକତା ଥିବା ବେଳେ ୨୦୧୭-୧୮ରୁ ଅନୁଦାନ ଆସି ପଡିରହିଛି। ପ୍ରଶାସନକୁ ବାରମ୍ବାର ଜମି ଯୋଗାଇବାକୁ ଲିଖିତ ଭାବେ ଜଣାଯାଇଥିଲେ ମଧ୍ୟ ଜମି ମିଳିପାରୁନି ୨ବର୍ଷ ହେଲା। ଅଞ୍ଚଳର ବୃହତ୍ତ ସ୍ୱାର୍ଥ ଦୃଷ୍ଟିରୁ ତଥା କୃଷି ଓ କୃଷକର ପ୍ରକୃତରେ ବିକାଶ ପାଇଁ ପ୍ରତିଷ୍ଠା କରାଯାଇଥିବା ରଷିକୁଲ୍ୟା ପରିବା ଚାଷୀ କମ୍ପାନୀ ଏକ ବୃହତ୍ତ ପଦକ୍ଷେପ ଅଟେ। ପ୍ରଶାସନ ତରଫରୁ ଆବଶ୍ୟକ ଜମି ଯଥାଶୀଘ୍ର ଯୋଗାଇ ଦେଲେ ଯୋଜନାର ସଫଳ ରୂପାୟନର ଚିତ୍ର ଦେଖିପାରିବା ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ଫେବୃୟାରୀ ୨୩/୨୦୨୦ Berhampur, Sunday, February 23/ 2020

## ସଂକ୍ଷେପରେ

### ୨ ଦିନ ହେଲାଣି ପଡ଼ିଛି ହରିଣ ଗଳିତ ମୃତଦେହ

**ବେଗୁନିଆପଡ଼ା,୨୨।୨(ଡି.ଏନ.ଏ.)-** କୋଦଲା ଠାରୁ ଖଲ୍ଲିକୋଟ ରାସ୍ତା ଖରଖରି ସେତୁ ନିକଟରେ ଏକ ହରିଣର ଗଳିତ ଶବ ପଡିଛି। ମୃତ ହରିଣଟି ୩ ମାସର ଏକ ଅଣ୍ଡିରା ହରିଣ। ଦୁଇଦିନ ତଳେ ମୃତ୍ୟୁ ହୋଇଥିବା ଜଣାପଡିଛି। ଗତ ଏକ ମାସ ତଳେ ଏହି ରାସ୍ତାର ବାଲିପୋଇ ନିକଟରେ ଏକ ହରିଣର ଅଜଣା ଗାଡି ଧକ୍କାରେ ମୃତ୍ୟୁ ହୋଇଥିବା ବେଳେ ୨୦୨୦ ମସିହାର ଏହା ଦ୍ୱିତୀୟ ମୃତ୍ୟୁ ବୋଲି ଜଣାପଡିଛି। ବିଭାଗ ପକ୍ଷରୁ ଏହି ରାସ୍ତାରେ ହରିଣଙ୍କ ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବିଭିନ୍ନ ସମୟରେ ଏପରି ମୃତ୍ୟୁ ଘଟୁଥିବା ଜଣାପଡିଛି।

### ୨ ଜୁଆ ଆଡ୍ଡାରେ ଚଢ଼ାଉ, ୮ ଗିରଫ

**ଆସିକା,୨୨।୨(ଡି.ଏନ୍.ଏ)-**ଗାଙ୍ଗପୁର ପୋଲିସ ଶୁକ୍ରବାର ରାତିରେ ଖଇରପୁଟି ଓ ନିମିନା ଗ୍ରାମରେ ଚାଲିଥିବା ଦୁଇଟି ଜୁଆ ଆଡ୍ଡାରେ ଚଢ଼ାଉ କରି ୮ଜଣଙ୍କୁ ଗିରଫ କରିଛି। ନିମିନାଠାରେ ଥିବା ଜୁଆଆଡ୍ଡାରୁ ୪ଜଣଙ୍କ ଠାରୁ ୨ ହଜାର ୩୦ ଟଙ୍କା ଜବତ କରାଯାଇଥିଲା। ସେହିଭଳି ଖଇରପୁଟିରେ ଥିବା ଜୁଆଆଡ୍ଡାରୁ ୪ହଜାର ୫ଶହ ଟଙ୍କା ଜବତ କରାଯିବା ସହ ୪ ଜଣଙ୍କୁ ପୋଲିସ ଧରିଥିଲା। ଏ ନେଇ ଗାଙ୍ଗପୁର ପୋଲିସ ନଂ. ୩୮, ୩୯/୨୦ରେ ଦୁଇଟି ପୃଥକ୍ ମାମଲା ରୁଜୁ କରିଛି। ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଧୀରେଶ କୁମାର ଦାସ କହିଛନ୍ତି।

### ମୋରମ ଚାଲାଣ, ୨ ଟ୍ରାକ୍ଟର ଜବତ

**ଆସିକା,୨୨।୨(ଡି.ଏନ୍.ଏ)-** ଗାଙ୍ଗପୁର ଥାନା ରାଇପଡ଼ା ଗ୍ରାମ ନିକଟରୁ ଶନିବାର ମଧ୍ୟାହ୍ନରେ ପୋଲିସ ୨ଟି ମୋରମ ବୋଝେଇ ଟ୍ରାକ୍ଟରକୁ ଜବତ କରିଛି। ରାଇପଡା ପାହାଡରୁ ମୋରମ ଚାଲାଣ କରାଯାଉଥିଲା ବେଳେ ପୋଲିସ ଖବର ପାଇ ଚଢାଉ କରିଥିଲା। ଜବତ ଟ୍ରାକ୍ଟରକୁ ବେଲଗୁଣ୍ଠା ତହସିଲଦାରଙ୍କ ଜିମା ଦିଆଯାଇଥିବା ଥାନାଧିକାରୀ ଧୀରେଶ କୁମାର ଦାସ କହିଛନ୍ତି।

### ଜିଲା ଶିକ୍ଷାଧିକାରୀଙ୍କ ପରୀକ୍ଷା କେନ୍ଦ୍ର ପରିଦର୍ଶନ

**ବୁଗୁଡ଼ା,୨୨।୨(ଡି.ଏନ.ଏ.)-**ବୁଗୁଡ଼ା ବ୍ଲକର ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଶନିବାର ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍କ୍ୱାଡ ପରିଦର୍ଶନ କରିଛନ୍ତି। ଇଂଲିଶ ପରୀକ୍ଷା ଥିବା ବେଳେ ଜିଲା ଶିକ୍ଷାଧିକାରୀ ସ୍କ୍ୱାଡ ସହ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ, ପୋଚାଲୁଣ୍ଡି ମା' କାଳୀ କୃଷକ ବିଦ୍ୟାପୀଠ ଓ ମାଣିତରା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟର ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ପ୍ରକାଶଥାଉକି, ବୁଗୁଡ଼ା ବ୍ଲକର ୧୦ଟି ପରୀକ୍ଷା କେନ୍ଦ୍ରରେ ମୋଟ ୨୦୦୪ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି।

# ବାଲନ୍ଦାପଡ଼ା, ଗୋଚ୍ଛାପଡା ପିଏଚ୍‌ସିରେ ଡାକ୍ତର ନାହାନ୍ତି

■ ଟ୍ରେନିଂରେ ଯାଇ ଫେରିନାହାନ୍ତି ଡାକ୍ତର
■ ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ

**ଫିରିଙ୍ଗିଆ, ୨୨।୨**

ଫିରିଙ୍ଗିଆ ବ୍ଲକ ଗୋଚ୍ଛାପଡା ଥାନା ଅଧିନରେ ଥିବା ବାଲନ୍ଦାପଡା ଏବଂ ଗୋଚ୍ଛାପଡା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚ୍‌ସି)ରେ ବହୁ ଦିନ ହେଲା ଡାକ୍ତର ନାହାନ୍ତି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଦୁର୍ଗମ ଅଞ୍ଚଳବାସୀ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ସ୍ୱାସ୍ଥ୍ୟ ଶିବିର ଏବେ ସେମାନଙ୍କ ପାଇଁ ଏକମାତ୍ର ସାହରା ପାଲଟିଛି। ସାମାନ୍ୟ ଜ୍ୱର ଥଣ୍ଡା ହେଲେ ଫିରିଙ୍ଗିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଖର୍ଚ୍ଚାନ୍ତ ହୋଇ ଯାଇଥାନ୍ତି।

ବାଲନ୍ଦାପଡା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାଲନ୍ଦାପଡା, ପାହିରାଜୁ, କୋଏରମାଣ୍ଡୁ, ଲୁଇସିଂ, ପକାରୀ ପଞ୍ଚାୟତର ଲୋକେ ନିର୍ଭର କରୁଥିବାବେଳେ ଗୋଚ୍ଛାପଡା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଗୋଚ୍ଛାପଡା, ସଲାଗୁଡା, କ୍ରାଣ୍ଡିବାଲି, ପଲାବୃଡି ଏବଂ କଟ୍ରିଙ୍ଗିଆ ପଞ୍ଚାୟତରର କେତେଗ ଗ୍ରାମବାସୀ ନିର୍ଭର କରିଥାନ୍ତି। ବାଲନ୍ଦାପଡାରେ ନିଯୁକ୍ତି ପାଇଥିବା ଡାକ୍ତର ୫ମାସ ହେଲା ଟ୍ରେନିଂରେ ଯାଇ ଆଉ ଫେରି ନାହାନ୍ତି। ଫାର୍ମାସିଷ୍ଟ ସୁଶାନ୍ତ ଶବର ଏହି ମେଡିକାଲ ଚଳାଉଛନ୍ତି। ଗୋଚ୍ଛାପଡା ମେଡିକାଲର ଡାକ୍ତର ପ୍ରିୟ ରଞ୍ଜନ ସାହୁ ଗତ ୧୭ରୁ ଟ୍ରେନିଂରେ ଯାଇଛନ୍ତି। ଫାର୍ମାସିଷ୍ଟ ପ୍ରଶାନ୍ତ କୁମାର ସାହୁଙ୍କ ଭରଷାରେ ଏବେ ରୋଗୀସେବା।

ଆମେ ବାରମ୍ବାର ଏ ସମ୍ପର୍କରେ ଅଭିଯୋଗ କରିଛୁ। ବ୍ଲକ ମିଟିଂରେ ଦାବି ଉପସ୍ଥାପନ କରୁଛୁ, ହେଲେ କିଛି ସୁଫଳ ମିଳୁନାହିଁ। ଆମର ଅଧିକାଂଶ ଗ୍ରାମ ଦୁର୍ଗମ ଅଞ୍ଚଳରେ। ତେଣୁ ତୁରନ୍ତ ଡାକ୍ତର ନିଯୁକ୍ତି କରିବାକୁ ଗୋଚ୍ଛାପଡା ସରପଞ୍ଚ ସୁମିତ୍ରା କହଁର ପ୍ରକାଶ କରିଛନ୍ତି। ବ୍ଲକ ଉପାଧ୍ୟକ୍ଷ ତଥା ବାଲନ୍ଦାପଡା ସମିତିସଭ୍ୟ ସସ୍ମିତା ଦିଗାଲ କୁହନ୍ତି, ଇଂରେଜ ଅମଳରେ ବାଲନ୍ଦାପଡା ମେଡିକାଲ ହୋଇଥିଲା। ଏହା ଜିଲାର ସର୍ବପୁରାତନ ମେଡିକାଲ। ତଥାପି ଏଠାରେ ଡାକ୍ତର ନିଯୁକ୍ତି ନ ଦେବା ଦୁଃଖର ବିଷୟ। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକଙ୍କୁ ପଚାରିବାରୁ ଗୋଚ୍ଛାପଡା ମେଡିକାଲରେ ୨ଦିନ ମଧ୍ୟରେ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦିଆଯିବ। ସେ ସପ୍ତାହକୁ ଦୁଇ ତିନି ଦିନ ବାଲନ୍ଦାପଡା ଯାଇ ମଧ୍ୟ କାମ କରିବେ। ଆଉ ଡାକ୍ତର ଆମ ଜିଲାକୁ ଆସିଲେ ସେଠାରେ ନିଯୁକ୍ତି ଦିଆଯିବ ବୋଲି କହିଛନ୍ତି।


ବାଲନ୍ଦାପଡା ମେଡିକାଲ।

# ଘାଟିରେ ଅଟୋ ଓଲଟି ୩ ଗୁରୁତର

**ଦାରିଙ୍ଗବାଡି/ବ୍ରାହ୍ମଣୀଗାଁ, ୨୨।୨(ଡି.ଏନ୍.ଏ.)**

ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ଥାନା ପୁଇଗୁଡା ଘାଟିରେ ଶନିବାର ଅପରାହ୍ନରେ ଏକ ଅଟୋ ଓଲଟି ୮ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଆହତଙ୍କୁ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା କରାଯାଇଥିଲା। ରାଜେଶ ଦଳେଇ, ଦୀପକ ବଳିଆରସିଂ ଏବଂ ଗୋପିନାଥ ପାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବ୍ରାହ୍ମଣୀଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ସହ ଅଟୋ ଜବତ କରିଛି। ନଂ.୧୨/୨୦ରେ ମାମଲା ରୁଜୁକରି ଅଧିକା ତଦନ୍ତ କରାଯାଉଥିବା ଥାନା ଅଧିକାରୀ ରଞ୍ଜିତ ମୁନୀ କହିଛନ୍ତି। ପ୍ରକାଶ ଯେ, ଅଟୋ (ନଂ.ଓଡି୦୭ବି-୪୬୩୩)ରେ ଯାତ୍ରୀମାନେ ବ୍ରାହ୍ମଣୀଗାଁ ଠାରୁ ଗଦାପୁର ଅଭିମୁଖେ ଯାଉଥିଲେ। ପ୍ରାୟ ୧ କିମି ଯିବା ପରେ ପୁଇଗୁଡା ଘାଟିରେ ଅଟୋଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା।


ବ୍ରାହ୍ମଣୀଗାଁ ଚିକିତ୍ସାଳୟରେ ଆହତଙ୍କ ଚିକିତ୍ସା ଚାଲିଛି।

# ଜେଲ ପରିଦର୍ଶନ କଲେ ବିଭାଗୀୟ ଡିଜି


ଫୁଲବାଣୀ ଜେଲରେ ବିଭାଗୀୟ ଡିଜି ସନ୍ତୋଷ ଉପାଧ୍ୟାୟ ଓ ଅନ୍ୟମାନେ।

**ଫୁଲବାଣୀ ଅଫିସ, ୨୨।୨**

କନ୍ଧମାଳ ଜିଲା ଗସ୍ତରେ ଜେଲ ବିଭାଗ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଆସି ଶନିବାର ଅପରାହ୍ନରେ ଫୁଲବାଣୀସ୍ଥିତ କାରାଗାର ପରିଦର୍ଶନ କରିଛନ୍ତି। ଜେଲରେ ପହଞ୍ଚିବା ପରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଡିଜି ଉପାଧ୍ୟାୟ ପ୍ରଥମେ ଜେଲର ବାହ୍ୟ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଏହାପରେ ଜେଲ ଭିତରକୁ ଯାଇ ଅନ୍ତେବାସୀଙ୍କ ବିଷୟରେ ଅନୁଧ୍ୟାନ କରିବା ସହ ସେମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ଜେଲ ଅଧୀକ୍ଷକ ଅନସୁୟା ଜେନାଙ୍କୁ ଜେଲର ବିଭିନ୍ନ ସମସ୍ୟା ନେଇ ପଚାରି ବୁଝିଥିଲେ। ଜେଲରେ ୩୦୦ ଜଣ ଅନ୍ତବାସୀଙ୍କ ପାଇଁ ସୁବିଧା ଥିବାବେଳେ ଅଧିକ ରହୁଛନ୍ତି। ଏବେ ୧୧ ଜଣ ମହିଳାଙ୍କ ସମେତ ୪୧୨ ଜଣ ଅନ୍ତେବାସୀ ଅଛନ୍ତି। ଆବଶ୍ୟକତାଠାରୁ ଅଧିକ ଅନ୍ତେବାସୀ ରହୁଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଥିବା ଅଧିକ୍ଷକ କହିଥିଲେ। ୧୦୦ ଜଣ ରହିବା ଭଳି ଆଉ ଏକ ୱାର୍ଡ ନିର୍ମାଣ ପାଇଁ ସେ ଅନୁରୋଧ କରିଥିଲେ। ଏଥିସହ କର୍ମଚାରୀଙ୍କ ବାସଗୃହ ଭାଙ୍ଗିରୁଜି ଯାଇଥିବାବେଳେ ମରାମତି ପାଇଁ କହିଥିଲେ। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ଡିଜି ଉପାଧ୍ୟାୟ ପ୍ରକାଶ କରିଛନ୍ତି।

### ପୋଖରୀରେ ବୁଡି ଦଶମ ଶ୍ରେଣୀ ଛାତ୍ର ମୃତ

**ମୋହନା,୨୨।୨(ଡି.ଏନ୍.ଏ.)**

ଗଜପତି ଜିଲା ଚନ୍ଦ୍ରଗିରି ଫାଣ୍ଡି ମାଣିକପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ଜଣେ ୧୦ମ ଶ୍ରେଣୀ ଛାତ୍ର ଶନିବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ନାରାୟଣ ମଲିକ (୧୬)। ସକାଳ ୭ଟାରେ ନାରାୟଣ ବଟବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ ଖସିଯିବାରୁ ବୁଡି ଯାଇଥିଲେ। ସ୍ଥାନୀୟ ଲୋକ ଉଦ୍ଧାର କରି ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତନ୍ମୟ ବିଶ୍ୱାଳ ଛାତ୍ର ଜଣଙ୍କୁ ମୃତ ଘୋଷଣା କରିଥିଲେ। ନାରାୟଣ ମହେନ୍ଦ୍ରଗିରି କାର୍ତ୍ତିକଗମାଙ୍ଗ ବିଦ୍ୟାଳୟ ଛାତ୍ର। ଶନିବାର ଇଂରାଜୀ ପରୀକ୍ଷା ଥିବାରୁ ଗାଧୋଇବାକୁ ପୋଖରୀକୁ ଯାଇଥିଲେ। ସେ ଛେଳିଗଡ ବିଦ୍ୟାଳୟରେ ପରୀକ୍ଷା ଦେବାକୁ ଯାଇଥାନ୍ତେ। ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛନ୍ତି।

# ଡକାୟତି ଉଦ୍ୟମ ପଣ୍ଡ, ୫ ଗିରଫ

**ଛତ୍ରପୁର,୨୨।୨(ଡି.ଏନ୍.ଏ.)**

ଡକାୟତି ଉଦ୍ୟମ କରୁଥିବା ଏକ ଗ୍ୟାଙ୍ଗକୁ ଚମାଖଣ୍ଡି ପୋଲିସ ଶନିବାର ଗିରଫ କରିଛି। ସେମାନେ ହେଲେ ନରେନ୍ଦ୍ରପୁରର ଅନିଲ ବାଡତ୍ୟା, ପୁରୀର ବିକାଶ ନାୟକ, ଅନନ୍ତପୁରର ସତ୍ୟସ୍ୱରୁପ ଜେନା, ସିତଳାପଲ୍ଲୀର ରାଜା ପବିତ୍ର ମୋହନ ପ୍ରଧାନ ଓ ଆମ୍ବପୁଆର ଦୀପକ ରଇତ। ସେମାନଙ୍କ ଠାରୁ ୨ଟି ବୋମା, ୪ ବାଇକ୍, ଖଣ୍ଡା, ଲୁହା ଛଡ଼, ମୁଖା ଓ ଲଙ୍କାଗୁଣ୍ଡ ପ୍ୟାକେଟ ଜବତ ହୋଇଛି। ଖବର ଲେଖା ହେବା ସୁଦ୍ଧା ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିବା ପାଇଁ ପୋଲିସ ଛତ୍ରପୁରକୁ ନେଇଛି।

ପ୍ରକାଶ ଯେ, ଶୁକ୍ରବାର ରାତିରେ ଏକ ୮ଜଣିଆ ଡକାୟତି ଗ୍ୟାଙ୍ଗ ଚମାଖଣ୍ଡି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗାଡି ଅଟକାଇ ଡକାୟତି ଉଦ୍ୟମ କରୁଥିଲେ। ପାଟ୍ରୋଲିଂ ବେଳେ ପୋଲିସ ସେଠାରେ ପହଞ୍ଚିଥିଲା। ଉକ୍ତ ସ୍ଥାନରୁ ୩ଜଣ ଫେରାର୍ ହୋଇଥିବା ବେଳେ ୫ଜଣଙ୍କୁ ପୋଲିସ ଧରିଥିଲା।

# ବାଇକ୍ ଧକ୍କାରେ ଛାତ୍ରୀ ମୃତ

**ପାତ୍ରପୁର,୨୨।୨(ଡି.ଏନ୍.ଏ.)-** ଜିଲୁଣ୍ଡା ପାହାଡ଼ ଉପରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରୁ ଶୁକ୍ରବାର ଜାଗର ଯାତ୍ରା ଦେଖି ଘରକୁ ଫେରୁଥିବା ବେଳେ ବାଇକ୍ ଧକ୍କାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଦପୁରର ଛଇଲ ବେହେରାଙ୍କ ଝିଅ ରିଙ୍କି(୧୦)। ଦୁର୍ଘଟଣା ପରେ ଚାଳକ ବାଇକ୍ ଓ ମୋବାଇଲକୁ ଛାଡ଼ି ଫେରାର୍ ହୋଇଯାଇଥିଲା। ଗୁରୁତର ଛାତ୍ରୀକୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ରିଙ୍କିଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ବିଳମ୍ବିତ ରାତିରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ଗ୍ରାମରେ ପହଞ୍ଚିଛି। ଜରଡ଼ା ପୋଲିସ ବାଇକ୍ ଓ ମୋବାଇଲକୁ ଜବତ କରି ତଦନ୍ତ ଚଳାଇଛି।

# ୧୦ ଏକର ଜମି ହସ୍ତାନ୍ତର ପ୍ରକ୍ରିୟା ବିଳମ୍ବ

**ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରସଙ୍ଗ**

**ଛତ୍ରପୁର,୨୨।୨(ଡି.ଏନ.ଏ)**

ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ନେଇ ଅହେତୁକ ବିଳମ୍ବ ହୋଇଛି। ବର୍ଷେ ହେଲା ପ୍ରସ୍ତାବିତ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ଜମି ଦେବା ପାଇଁ ପ୍ରକ୍ରିୟା ଚାଲିଛି। ଅନ୍ୟପକ୍ଷରେ ଏବେ ମଧ୍ୟ ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ଉକ୍ତ ଜମିକୁ ହସ୍ତାନ୍ତର କରାଯାଇନି। ଫଳରେ ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିପାରୁନି। ପୂର୍ବରୁ ଚିହ୍ନଟ ଜମିକୁ ନୂଆଦିଲୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ନାଁରେ କରିବା ପାଇଁ ଏକ ପ୍ରସ୍ତାବ ଦକ୍ଷିଣାଞ୍ଚଳ ଆର୍‌ଡିସିଙ୍କ ସେକ୍ରେଟାରୀଙ୍କ ପକ୍ଷରୁ କଟକସ୍ଥିତ ବୋର୍ଡ ଅଫ୍ ରେଭିନ୍ୟୁରେ ଉପସ୍ଥାପନ କରି ମଞ୍ଜୁର କରିବାକୁ ଚିଠି ହୋଇଛି। ଆର୍‌ଡିସି ଏହି ଜମି କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ଦେବା ପାଇଁ ସମ୍ମତି ଦେଇଥିବା ଉକ୍ତ ଚିଠିରେ ଦର୍ଶାଯାଇଛି। ଛତ୍ରପୁର ତହସିଲ ଅଧୀନ ଆର୍ଯ୍ୟପଲ୍ଲୀ ନିକଟରେ ୧୦ ଏକର ଜମି କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କୋଠା ନିର୍ମାଣ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନକୁ ଦେବାକୁ ନିଷ୍ପତ୍ତି ହୋଇଛି। ତେବେ ବର୍ଷେ ହେଲା ଜମି ସମ୍ବନ୍ଧୀୟ ଫାଇଲ୍ କାର୍ଯ୍ୟ ସରୁନି। ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ହେଲା ଛତ୍ରପୁରଠାରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବାକୁ ଦାବି ହୋଇ ଆସୁଥିଲା। ପରେ ଗତବର୍ଷ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାପରେ କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ ମଧ୍ୟ ଏହାକୁ ପ୍ରଶାସନିକ ମଞ୍ଜୁରୀ ଦେଇଥିଲେ। ଅସ୍ଥାୟୀ କ୍ୟାମ୍ପସ ପ୍ରଦାନ ଓ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଚିହ୍ନଟ ଜମି ସଙ୍ଗଠନ ନାଁରେ କରିବା ପରେ ହିଁ ଛତ୍ରପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବ ବୋଲି କୁହାଯାଇଥିଲା। ଛତ୍ରପୁରସ୍ଥିତ ଅନସ୍ଲୋ ହାଇସ୍କୁଲ ଭିତର କୋଠାରେ ଅସ୍ଥାୟୀ କ୍ୟାମ୍ପସ ପାଇଁ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅନୁମତି ଦେଇସାରିଛି।

# ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିରେ ସତ୍ୟବ୍ରତଙ୍କ ଯାତ୍ରା

**ଫୁଲବାଣୀ ଅଫିସ, ୨୨।୨**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଜନସଚେତନତା ମଞ୍ଚ ଆବାହକ ସତ୍ୟବ୍ରତ ଦାସ ଯାତ୍ରା ଆରମ୍ଭ କରିଛନ୍ତି। ସେ ରାଜ୍ୟର ୩୧୪ ବ୍ଲକ ବୁଲି ବିଡିଓଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ପାଖକୁ ଦରଖାସ୍ତ ଦେବେ। ଶନିବାର ସତ୍ୟବ୍ରତ ଫୁଲବାଣୀରେ ପହଞ୍ଚିଛନ୍ତି। ଜିଲାର ସମସ୍ତ ବ୍ଲକ ବୁଲି ଦାବିପତ୍ର ଦେବାପରେ ଅନ୍ୟ ଜିଲାକୁ ଯାତ୍ରା କରିବେ। ସତ୍ୟବ୍ରତଙ୍କ ଘର ଜଗତସିଂହପୁର ଜିଲା ବାଲିକୁଦା ବ୍ଲକ ଭଗବାନ ସିଣ୍ଡୋଳ ଗ୍ରାମରେ। ସେ ରେଭେନ୍ସାରେ ରୁରାଲ ଡେଭଲପମେଣ୍ଟରେ ପିଜି କରି ଦିଲ୍ଲୀରେ ଚାକିରୀ କରୁଥିଲେ। ସମାଜ ପାଇଁ କିଛି କରିବା ନିଶାରେ ଏହି ଅଭିଯାନରେ ନିଜକୁ ସାମିଲ କରିଛନ୍ତି। ୨୦୧୯ ଜୁଲାଇ ୧୦ରୁ ଯାଜପୁର ଜିଲା ବଡଚଣା ବ୍ଲକରୁ ଏହି ପଦଯାତ୍ରା ଆରମ୍ଭ କରିଥିଲେ। ବର୍ତ୍ତମାନ ସୁଦ୍ଧା ଯାଜପୁର, କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ଦେବଗଡ, ବରଗଡ, ନୂଆପଡା ଏବଂ ବଲାଙ୍ଗୀର ଜିଲାକୁ ପଦଯାତ୍ରାରେ ଯାଇ ୧୫୧ଟି ବ୍ଲକ ବୁଲି ସାରିଲେଣି। ପ୍ରତିଦିନ ସେ ୩୦ରୁ ୩୫ କିଲୋମିଟର ଯାତ୍ରା କରୁଛନ୍ତି। ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଖାଇବା ସହ ବିଶ୍ରାମ କରୁଛନ୍ତି। ଓଡିଶା ଏକ ଏଭଳି ରାଜ୍ୟ ଯେଉଁଠି ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ବ୍ୟାପକ କ୍ଷୟକ୍ଷତି ରାଜ୍ୟବାସୀଙ୍କ ମେରୁଦଣ୍ଡ ଦୋହଲାଇ ଦେଉଛି। ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟା ମିଳିଲେ ଜନସାଧାରଣ ଉପକୃତ ହେବା ସହ ରାଜ୍ୟର ବିକାଶ ହେବ। ମହାନଦୀ ଜଳ ସମସ୍ୟାକୁ ମଧ୍ୟ ସମାଧାନ କରାଯାଉନାହିଁ। ତେଣୁ ଏହାର ତୁରନ୍ତ ସମାଧାନ ଆବଶ୍ୟକ। ମାଲକାନଗିରି ଜିଲାରେ ପୋଲାଭରମ ପ୍ରକଳ୍ପ ଯୋଗୁ ଜିଲାର ବହୁ ଅଞ୍ଚଳ ଜଳମଗ୍ନ ହେବ। ଯାହା ଦ୍ୱାରା ହଜାର ହଜାର ଆଦିବାସୀ ବାସହରା ହେବେ। ତେଣୁ ଏହି ପ୍ରକଳ୍ପ ବନ୍ଦ କରିବାକୁ ଅଭିଯାନ ସେ ଦାବି କରିଛନ୍ତି। ରାଷ୍ଟ୍ରପତି ଏହା ଉପରେ ନିଶ୍ଚିତ ପଦକ୍ଷେପ ନେବେ ବୋଲି ସତ୍ୟବ୍ରତ ଆଶା ରଖିଥିବା ପ୍ରକାଶ କରିଛନ୍ତି।



ଫୁଲବାଣୀରେ ସତ୍ୟବ୍ରତ ଦାସ।











1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ